بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୪

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ Weekly BADAR Qadian କାଦିଆନ Odia

ସଂଖ୍ୟା: 43

ବାର୍ଷିକ ଦେୟ : ୬୦୦/-

www.akhbarbadr.in

10 ରବିଉସ୍ ସାନି 1445 ହି.କ,26 ଇଖା 1402 ହି.ଶ 26 OCT 2023 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

وَرَاَ الۡمُجۡرِمُوۡنَ النَّارَ فَظَنُّوۡۤا اَنَّہُمۡ مُّوَاقِعُوۡہَا وَلَمۡ یَجِدُوۡا عَنۡہَا مَصۡرِفًا

(ଅଲ୍ କହଫ୍-54)

**ଅନୁବାଦ :** ଅର୍ଥାତ ଅପରାଧୀମାନେ ଏହି ଅଗ୍ନୀକୁ ଦେଖି ବୁଝିପାରିବେ ଯେ, ସେମାନେ ତନ୍ମଧ୍ୟରେ ପଡ଼ିବେ ଏବଂ ସେମାନେ ସେଠାରୁ ପଛଘୁଞ୍ଚା ଦେବା ପାଇଁ କୌଣସି ସ୍ଥାନ ପାଇଁବେ ନାହିଁ ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### କୌଣସି ବ୍ୟକ୍ତିର ଅଧିକାରକୁ ହଡ଼ପ କରିବା ଦଣ୍ଡନୀୟ ଅପରାଧ ଅଟେ ।

**(2458)** ହ. ଉମ୍ମେ ସଲମା ର.ଅ ବର୍ଣ୍ଣନା କରନ୍ତି: ରସୁଲୁଲ୍ଲାଃ ସ.ଅ ଯେତେବେଳେ ନିଜ କଠୋରରୀ କବାଟ ନିକଟରେ କଳହର ସ୍ୱର ଶୁଣିଲେ ସେତେବେଳେ ଆପଣ ସ.ଅ କଳହ କରୁଥିବା ବ୍ୟକ୍ତିମାନଙ୍କ ନିକଟକୁ ଆସିଲେ ଏବଂ ଆପଣ ସ.ଅ ସେମାନଙ୍କୁ କହିଲେ: ହେ ଲୋକମାନେ ମୁଁ ତୁମମାନଙ୍କ ପରି ଜଣେ ମନୁଷ୍ୟ ଅଟେ । ମୋ ନିକଟରେ ଏକ ପକ୍ଷ ଆସିଥାଆନ୍ତି ଏବଂ ସମ୍ଭବତଃ ତୁମମାନଙ୍କ ମଧ୍ୟରୁ କୌଣସି ପକ୍ଷ ନିଜସ୍ୱ ସ୍ୱାର୍ଥକୁ ଅଧିକ ସୁନ୍ଦର ଢଙ୍ଗରେ ଉପସ୍ଥାପିତ କରି ଏହା ମନେକରେ ଯେ, ସେ ସତ କହିଛି ଏବଂ ତା'ର ସତ୍ୟ ଉପସ୍ଥାପନ କରିବା ହେତୁ ମୁଁ ତା'କୁ ସତ ବୋଲି ମଣି ତା' ସପକ୍ଷରେ ନିର୍ଣ୍ଣୟ ବା ନ୍ୟାୟ ଦେଇ ଦେବି । ତେଣୁ ଯଦି ମୁଁ କୌଣସି ବ୍ୟକ୍ତିକୁ ଅନ୍ୟ ମୁସଲମାନ ବ୍ୟକ୍ତିର ଅଧିକାର (ଅନ୍ୟାୟ ତଥା ଅସତ୍ ଉପାୟରେ) ପ୍ରଦାନ କରିବାର ନିର୍ଣ୍ଣୟ ଶୁଣାଇଦେଲି ତେବେ ନିଃସନ୍ଦେହ ରୂପେ ସେହି ରାୟ ବା ନିର୍ଣ୍ଣୟ କେବଳ ଅଗ୍ନୀର ଏକ ଖଣ୍ଡ ଅଟେ ଯାହାକି ଉକ୍ତ ବ୍ୟକ୍ତିକୁ ପ୍ରଦାନ କରାଯାଉଛି । ତେଣୁ ସେହି ବ୍ୟକ୍ତି ଉକ୍ତ ଅଗ୍ନୀକୁ ନେଇ ନେଉ ଅବା ତା'କୁ ପରିତ୍ୟାଗ ବା ଅସ୍ୱୀକାର କରିଦେଉ ।

### ---(କପଟବିଶ୍ୱାସୀର ଚାରୋଟି ଲକ୍ଷଣ ବା ଚାରୋଟି ବିଶେଷତା ରହିଛି)---

**(2459)** ହ.ଅବ୍ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ: "ଯେଉଁ ବ୍ୟକ୍ତି ମଧ୍ୟରେ ଚାରୋଟି ଲକ୍ଷଣ ଥାଏ ତେବେ ସେହି ବ୍ୟକ୍ତି କପଟ ବିଶ୍ୱାସୀ ଅଟେ କିମ୍ବା ଯେଉଁ ବ୍ୟକ୍ତି ମଧ୍ୟରେ ଚାରୋଟି ବିଶେଷତା ଥାଏ ତେବେ ସେହି ବ୍ୟକ୍ତି ମଧ୍ୟରେ ବୈରାଗ ବା ଶତ୍ରୁତର ଏକ ବିଶେଷତା ମଧ୍ୟ ବିଦ୍ୟମାନ ହେବ । ତେଣୁ ସେହି ଚାରୋଟି ଲକ୍ଷଣ ହେଲା ଯେ, ଯେତେବେଳେ କପଟ ବିଶ୍ୱାସୀ ବ୍ୟକ୍ତି କଥାବାର୍ତ୍ତା କରେ ସେତେବେଳେ ସେ ମିଥ୍ୟା କହିଥାଏ, ଯେତେବେଳେ ସେ କୌଣସି ପ୍ରତିଶ୍ରୁତି କରେ ସେତେବେଳେ ସେ ପ୍ରତିଶ୍ରୁତି ବିରୁଦ୍ଧାଚାରଣ କରିଥାଏ, ଯେତେବେଳେ ସେ କୌଣସି ଅଙ୍ଗୀକାର କରେ ସେତେବେଳେ ପ୍ରବଞ୍ଚନା କରିଥାଏ ଏବଂ ଯେତେବେଳେ ସେ କଳହ କରେ ସେତେବେଳେ ସେ ଅପଶବ୍ଦ ପ୍ରୟୋଗ କରିଥାଏ ।

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

☆ ☆ ☆

### ପ୍ରତିଶୃତ ମସିହ୍ଅ.ସଙ୍କ ନିତୀବାଣୀ:-

**ପ୍ରକୃତ ଇସଲାମ୍ ଧର୍ମ କହିଲେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ସକଳ ଶକ୍ତି ତଥା ସାମର୍ଥ୍ୟକୁ ଜୀବନ ଥିବା ଯାଏ ଉତ୍ସର୍ଗ କରିଦେଉ। କାରଣ ସେହି ବ୍ୟକ୍ତିର ଜୀବନ ପୁଣ୍ୟ ଜୀବନର ଅଧିକାରୀ ହୋଇଯାଉ । ଭକ୍ତର ପ୍ରକୃତ ଅଭିପ୍ରାୟ ସାଂସାରିକତା ଓ ସାଂସାରିକ ବସ୍ତୁ ନହେଉ ବରଂ ସାଂସାରିକତା ପ୍ରାପ୍ତିରେ ପ୍ରକୃତ ଅଭିପ୍ରାୟ ଧର୍ମ ମଧ୍ୟ ହେବା ଉଚିତ୍ । ଏହିପରି ଭାବରେ ସଂସାର ପ୍ରାପ୍ତ କରାଯାଉ ଯେପରିକି ତାହା ଧର୍ମର ସେବକ ହୋଇଥିବା ଉଚିତ ।**

### .....(କେଉଁମାନେ ପ୍ରଭୁଙ୍କ ଭକ୍ତ ଅଟନ୍ତି ?).....

ଏ ହେଉଛନ୍ତି ସେହି ବ୍ୟକ୍ତିମାନେ ଯେଁଉମାନଙ୍କୁ ପ୍ରଭୁ ଜୀବନ ଦେଇଛନ୍ତି ଏବଂ ଏହିମାନେ ହିଁ ନିଜର ଜୀବନକୁ ଅଲ୍ଲାଃତାଲାଙ୍କ ମାର୍ଗରେ ଉତ୍ସର୍ଗ କରି ଦେଇଥାଆନ୍ତି । ଏମାନେ ପ୍ରଭୁଙ୍କର ମାର୍ଗରେ ନିଜର ଜୀବନକୁ ଉତ୍ସର୍ଗ କରିବା, ନିଜର ପ୍ରିୟ ଧନକୁ ତାହାଙ୍କ ପ୍ରସନ୍ନତା ସକାଶେ ତାହାଙ୍କ ମାର୍ଗରେ ଧନ ବ୍ୟୟ କରିବାକୁ ତାହାଙ୍କର କୃପା ତଥା ତାହାଙ୍କ ସୌଭାଗ୍ୟ ବୋଲି ମନେ କରିଥାଆନ୍ତି । କିନ୍ତୁ ଯେଉଁମାନେ ସାଂସାରିକ ଧନସମ୍ପତ୍ତିକୁ ନିଜ ଜୀବନର ପରମ ଉପଭୋଗ୍ୟ ଅଭିପ୍ରାୟ ବୋଲି ମନେ କରି ନିଅନ୍ତି ସେମାନେ ଜାଗୃତାବସ୍ଥାର ଚକ୍ଷୁରୁ ସଂସାରକୁ ଦେଖିଥାଆନ୍ତି । କିନ୍ତୁ ପ୍ରକୃତ ବିଶ୍ୱାସକାରୀ ଓ ସଚ୍ଚୋଟ ମୁସଲମାନ ବ୍ୟକ୍ତିର ଏହି କାର୍ଯ୍ୟ ନୁହେଁ । ପ୍ରକୃତ ଇସ୍‌ଲାମ୍ ଧର୍ମ ହେଉଛି ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ସକଳ ଶକ୍ତି ତଥା ସାମର୍ଥ୍ୟକୁ ବିନିଯୋଗ କରି ଜୀବନ ଥିବା ପର୍ଯ୍ୟନ୍ତ ନିଜର ଜୀବନକୁ ତାହାଙ୍କ ମାର୍ଗରେ ଉତ୍ସର୍ଗ କରିଦେଉ । କାରଣ ସେହି ବ୍ୟକ୍ତିର ଜୀବନ ପୁଣ୍ୟ ଜୀବନର ଅଧିକାରୀ ହୋଇଯାଉ । ସୁତରାଂ ଅଲ୍ଲାତାଲା ସ୍ୱୟଂ ସେହି ଐଶ୍ୱରିକ ଉତ୍ସର୍ଗ ଆଡ଼କୁ ଇଙ୍ଗିତ କରି କୁହନ୍ତି: مَنۡ اَسۡلَمَ وَجۡہَہٗ وَہُوَ مُحۡسِنٌ فَلَہٗۤ اَجۡرُہٗ عِنۡدَ رَبِّہٖ وَلَا خَوۡفٌ عَلَیۡہِمۡ وَلَا ہُمۡ یَحۡزَنُوۡنَ **(ଅଲ୍ ବକ୍ରାହ୍:113)** ଅର୍ଥାତ ଯେକେହି ନିଜକୁ ସଂପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ନିକଟରେ ସମର୍ପଣ କରେ ଓ ସତ୍‌କର୍ମ କରେ ତାହା ଲାଗି ନିଜ ପାଳନକର୍ତ୍ତାଙ୍କ ପାଖରେ ପୁରସ୍କାର ନିୟତ ରହିଛି । ସେମାନଙ୍କର ଭବିଷ୍ୟତ ପାଇଁ କୌଣସି ପ୍ରକାର ଭୟ ରହିବ ନାହିଁ କି ସେମାନେ ଅତୀତର ତ୍ରୁଟି ପାଇଁ ଦୁଃଖିତ ଏବଂ ପରିତପ୍ତ ହେବେ ନାହିଁ । ସୁତରାଂ ଏଠାରେ ନିରର୍ଥକ ଓ ବିନୀତତାର ପୋଷାକ ପରିଧାନ କରି ଐଶୀ ଆସ୍ଥାନରେ ଯାଇ ପଡ଼ିଯାଉ ଓ ନିଜର ଧନ, ଜୀବନ, ମାନ

ସମ୍ମାନ ଇତ୍ୟାଦି ଯାହାକିଛି ତା' ନିକଟରେ ରହିଛି ତା'କୁ ସ ପ୍ରଭୁଙ୍କ ସକାଶେ ହିଁ ଉତ୍ସର୍ଗୀକୃତ କରିଦେଉ ଏବଂ ତାହାଙ୍କର ସମସ୍ତ ବସ୍ତୁକୁ ଧର୍ମର ସେବକ ରୂପେ କରିଦେଉ ।

**(ସାଂସାରିକତା ପ୍ରାପ୍ତି ବ୍ୟକ୍ତିଗତ ସ୍ୱାର୍ଥ ଓ ଅଭିପ୍ରାୟ ନହେଉ ବରଂ ସାଂସାରିକତା ପ୍ରାପ୍ତିରେ ଧାର୍ମିକ ସ୍ୱାର୍ଥ ପ୍ରାପ୍ତ କରିବାର ଉଦ୍ଦେଶ୍ୟ ନିହିତ ଥିବା ଉଚିତ )**

ହୁଜୁର ଅ.ସ କହୁନ୍ତି କୌଣସି ବ୍ୟକ୍ତି ଏହା ନଭାବି ବସୁ ଯେ, ମନୁଷ୍ୟର ସାଂସାରିକତା ସହିତ କୌଣସି ସଂପର୍କ ନାହିଁ । ମୋର ଏହି ତାତ୍ପର୍ଯ୍ୟ କଦାପି ନୁହେଁ ଓ ନା ହିଁ ଅଲ୍ଲାଃତାଲା ସଂସାର ପ୍ରାପ୍ତି କରିବାରୁ ବାରଣ କରନ୍ତି । ବରଂ ଇସ୍‌ଲାମ ଧର୍ମ ସନ୍ନ୍ୟାସୀତ୍ୱକୁ ଅବଲମ୍ବନ କରିବାକୁ ବାରଣ କରିଛି । ସନ୍ନ୍ୟାସୀତ୍ୱ ହେଉଛି ଭୀରୁମାନଙ୍କର କାର୍ଯ୍ୟ ବା ପନ୍ଥା। ଯେପରି ବିଶ୍ୱାସକାରୀର ସଂପର୍କ ସଂସାର ସହିତ ବ୍ୟାପକ ହୋଇଚାଲିବ ତାହା ତା'ର ବ୍ୟକ୍ତିଗତ ମର୍ଯ୍ୟାଦାର ଉନ୍ନତିର କାରଣ ହୋଇଥାଏ । କାରଣ ତା' ଜୀବନର ଲକ୍ଷ୍ୟ ଧର୍ମ ହେବା ଉଚିତ୍ ଏବଂ ସଂସାର, ସଂସାରର ଧନ ସମ୍ପତ୍ତି ତଥା ମାନ ମର୍ଯ୍ୟାଦା ଧର୍ମର ସେବକ ହେବା ଉଚିତ୍ । ସୁତରାଂ ପ୍ରକୃତ କଥା ଏହିକି ଯେ, ପ୍ରକୃତ ଅଭିପ୍ରାୟ ସାଂସାରିକତା ଓ ସାଂସାରିକ ବସ୍ତୁ ନହେଉ ବରଂ ସାଂସାରିକତା ପ୍ରାପ୍ତିରେ ପ୍ରକୃତ ଅଭିପ୍ରାୟ ଧର୍ମ ମଧ୍ୟ ହେଉ । ଏହିପରି ଭାବରେ ସଂସାର ପ୍ରାପ୍ତ କରାଯାଉ କି ତାହା ଧର୍ମର ସେବକ ହୋଇଯାଉ । ଯେପରିକି ମନୁଷ୍ୟ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ନିମନ୍ତେ ଯାତ୍ରା ପାଇଁ ଯାନ ବାହାନ ବ୍ୟବହାର କରିଥାଏ ଏବଂ ପାଥେୟ (ସମ୍ବଳକୁ ସାଙ୍ଗରେ ନେଇଥାଏ ତେବେ ତା'ର ପ୍ରକୃତ ଉଦ୍ଦେଶ୍ୟ ହେଲା ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ପହଞ୍ଚିବା । ନା କି ସ୍ୱୟଂ ଆରୋହଣ ହେବା ଓ ମାର୍ଗର ଆବଶ୍ୟକୀୟ ସମ୍ବଳ । ଏହିପରି ଭାବରେ ମନୁଷ୍ୟ ସଂସାରକୁ ପ୍ରାପ୍ତ କରୁ । କିନ୍ତୁ ଧର୍ମର ସେବକ ହୋଇ ସଂସାରକୁ ପ୍ରାପ୍ତ କରିବା ଉଚିତ୍ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-494, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)**

☆ ☆ ☆

**ଖ୍ରୀଷ୍ଟ ଜାତିର ଉନ୍ନତି ସମୟରେ ଏପରି ଏକ ସଂପ୍ରଦାୟ ଥିବ ଯିଏ ଇସ୍‌ଲାମ୍ ଧର୍ମ ଉପରେ ସ୍ଥାପିତ ହୋଇଥିବ ଓ ସେହିମାନଙ୍କ ସହିତ ଲୋକମାନଙ୍କୁ ସାକ୍ଷାତ୍ କରିବାର ଆଦେଶ ଦିଆଯାଇଛି । ଉକ୍ତ ଆୟତ୍‌ର ସମ୍ବୋଧକ ନିଃସନ୍ଦେହ ରୂପେ ମୁସଲମାନମାନେ ଅଟନ୍ତି । ଯେଉଁମାନେ ସାଂପ୍ରତିକ କାଳରେ ଇସ୍‌ଲାମ୍ ଧର୍ମର ଉନ୍ନତିକୁ ରୈଜନୈତିକ କାରକ ସହିତ ସଂଶ୍ଳୀଷ୍ଟ କରି ରାଜନୈତିକ କାରକ ରୂପେ ବିବେଚିତ କରିବେ ତେବେ ତତସଂକ୍ରାନ୍ତରେ ଅଲ୍ଲାଃତାଲା କୁହନ୍ତି ଯେ, ତୁମେ ଉକ୍ତ ତ୍ରୁଟି ବା ଭ୍ରମରେ ଗ୍ରସ୍ତ ହୋଇଯିବ ନାହିଁ । ବରଂ ସେହି ଲୋକମାନଙ୍କ ସହିତ ସାମିଲ ହୋଇଯିବ ଯେଉଁମାନେ ସକାଳ ସନ୍ଧ୍ୟା ନମାଜରେ ପ୍ରାର୍ଥନା କରୁଥିବେ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] ସୁରାଃ ଅଲ୍ କହଫ୍‌ର -29 ନଂ ଆୟତ୍ وَاصْبِرْ نَفْسَكَ مَعَ الَّذِينَ يَدْعُونَ رَبَّهُم بِالْغَدَاةِ وَالْعَشِيِّ يُرِيدُونَ وَجْهَهُ وَلَا تَعْدُ عَيْنَاكَ عَنْهُمْ تُرِيدُ زِينَةَ الْحَيَاةِ الدُّنْيَا وَلَا تُطِعْ مَنْ أَغْفَلْنَا قَلْبَهُ عَن ذِكْرِنَا وَاتَّبَعَ هَوَاهُ وَكَانَ أَمْرُهُ فُرُطًا ର ବ୍ୟାଖ୍ୟା କରି କହୁନ୍ତି: ଉକ୍ତ ଆୟତ୍ ଉପରୋକ୍ତ ଆୟତ୍‌ର ଅର୍ଥକୁ ଆହୁରି ସ୍ପଷ୍ଟ କରିଦେଇଛି । ଉକ୍ତ ଆୟତ୍‌ର ସମ୍ବୋଧକ ରସୁଲୁଲ୍ଲାଃ ସ.ଅ ନୁହନ୍ତି ବରଂ ପବିତ୍ର କୁରଆନ୍ କରୀମର ପଠକାରୀ ହେଉଛନ୍ତି ସେହିମାନେ ଯେଉଁମାନଙ୍କୁ ଏହି କାଳକୁ ଦେଖିବାର ଅବସର ମିଳୁ ଅନ୍ୟଥା ରସୁଲୁଲ୍ଲାଃ ସ.ଅ ତ' ସ୍ୱୟଂ ନମାଜ ପାଠ କରୁଥିଲେ । ତାଙ୍କୁ (ଆପଣ ସ.ଅଙ୍କୁ) କିପରି କୁହାଯାଇପାରି ଥାଆନ୍ତା ଯିଏ ସକାଳ ସନ୍ଧ୍ୟା ପଢୁଛନ୍ତି । ତେଣୁ ତୁମ୍ଭେ ସେମାନଙ୍କ (ସାହାବାମାନଙ୍କ) ସହିତ ରୁହ ।

ପ୍ରକୃତରେ ଏଠାରେ ଏହା କୁହାଯାଇଛି ଯେ, ଖ୍ରୀଷ୍ଟ ଜାତି ଉନ୍ନତି କରିବା ସମୟରେ ଏପରି ଏକ ଜାତି ଥିବ ଯିଏ ଇସ୍‌ଲାମ୍ ଧର୍ମ ଉପରେ ସ୍ଥାପିତ ଥିବ ଓ ସେମାନଙ୍କ ସହିତ ମିଶିବାକୁ ଲୋକମାନଙ୍କୁ ଆଦେଶ ଦିଆଯାଇଛି । ଉକ୍ତ ଆୟତ୍‌ରେ ମୁସଲମାନମାନଙ୍କୁ ସମ୍ବୋଧିତ କରାଯାଇଛି । ଏହି ମୁସଲମାନମାମାନେ ସାଂପ୍ରତିକ କାଳରେ ଇସ୍‌ଲାମ୍ ଧର୍ମର ଉନ୍ନତିକୁ ରୈଜନୈତିକ କାରକ ସହିତ ସଂଶ୍ଳୀଷ୍ଟ କରି ରୈଜନୈତିକ କାରଣ ବୋଲି ବିବେଚିତ କରିବେ । ଅଲ୍ଲାଃତାଲା କୁହନ୍ତି ଯେ, ତୁମେମାନେ ଏହି ଭ୍ରମର ଶିକାର ହୋଇଯିବ ନାହିଁ । ବରଂ ସେହି ଲୋକମାନଙ୍କ ସହିତ ହୋଇଯିବ ଯିଏ ସକାଳ ସନ୍ଧ୍ୟା ନମାଜରେ ପ୍ରାର୍ଥନା କରୁଥିବେ ଓ ଅଲ୍ଲାଃତାଲାଙ୍କ କୃପାକୁ ଦୁଆ (ପ୍ରାର୍ଥନା) ମାଧ୍ୟମରେ ଡ଼ାକୁଥିବେ । ପୁନଶ୍ଚ ସେହି ନମାଜ ପାଠକାରୀ ଗୋଷ୍ଠୀ ଠାରୁ ନିଜର ଦୃଷ୍ଟି ହଟାଇଦେଇ ଅନ୍ୟ ଆଡ଼କୁ ନିକ୍ଷେପ କରିବ ନାହିଁ । କାରଣ ସାଂସାରିକ ସୌନ୍ଦର୍ଯ୍ୟ, ଚାକଚକ୍ୟତା ଓ ତା'ର ଉନ୍ନତିର ସାଧନ ସେମାନଙ୍କ ଠାରୁ ବାହାରେ ମିଳିବ । କିନ୍ତୁ ତହିଁରେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତ' ପ୍ରାପ୍ତ ହେବ ନାହିଁ । ସୁତରାଂ ସାଂସାରିକ ଲୋଭ ଯୋଗୁଁ ସେହି ପ୍ରକାଶ୍ୟ ତୁଚ୍ଛ ଦୃଶ୍ୟମାନ ହେଉଥିବା ସଂପ୍ରଦାୟକୁ ହୀନ ତଥା ହେୟ ବୋଲି ମନେକରିବ ନାହିଁ ଓ ସେହି ଲୋକମାନଙ୍କର ଅନୁକରଣ କରିବ ନାହିଁ । ଯେଉଁମାନେ ଈଶ୍ୱର ଚର୍ଚ୍ଚା ଓ ତବ୍‌ଲିଗରୁ ଅବଚେତନ ଥିବେ । ସେମାନଙ୍କୁ ଠେଙ୍ଗା ବଳରେ ସେହି ଜାତିମାନଙ୍କୁ ସିଧା (ଶୃଙ୍ଖଳିତ) କରିବାକୁ ଇଚ୍ଛା ପ୍ରକାଶ କରିବେ ଓ ତାରତମ୍ୟ ଜନିତ ରୋଗବ୍ୟାଧି ଓ ରାଜନୈତିକ କାମ ବାସନାରେ ପିଡ଼ୀତ ହେବେ । ଉକ୍ତ ଆୟତ୍‌ରେ ଏହି ପ୍ରସଙ୍ଗ ଆଡ଼କୁ ମଧ୍ୟ ଧ୍ୟାନ ଆକର୍ଷଣ କରାଯାଇଛି ଯେ, ସେହି କାଳରେ ତିନୋଟି ପ୍ରସଙ୍ଗ ମୁସଲମାନମାନଙ୍କ ବିପତ୍ତିର କାରଣ ହେବ । ଯଥା- **ପ୍ରଥମତଃ** ଲୋକମାନେ ଉପସନାକୁ ପାସୋରି ବସିବେ । ଉପାସନା କରିବା ପ୍ରତି ସେମାନଙ୍କ ମନରେ ଅଗ୍ରହ, ରୁଚି ଓ ଧ୍ୟାନ ନଥିବ । **ଦ୍ୱିତୀୟତଃ** ଲୋକଙ୍କ ହୃଦୟରେ ସାଂସାରିକ ପ୍ରେମ ବୃଦ୍ଧି ପାଇବ । **ତୃତୀୟତଃ** ବିଳାସବ୍ୟସନ ପ୍ରଭୁତ୍ୱ ଲାଭ କରିବ । ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶ୍ୱାସକାରୀ ବ୍ୟକ୍ତି ପାଇଁ ଏହା ଆବଶ୍ୟକ ହେବ ଯେ, ସେ ଉପାସନାରେ ନିମଜ୍ଜିତ ରହୁ ଅର୍ଥ ଆଡ଼କୁ ଆକୃଷ୍ଟ ନହେଉ ଏବଂ ନିଜର ଉଚିତ ଆବଶ୍ୟକତା ପୂରଣ କରି ଅର୍ଥର ଅବଶିଷ୍ଟ ଅଂଶ ଧର୍ମ ପ୍ରଚାରରେ ବ୍ୟୟ କରୁ ।

**(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-4, ପୃ-443, ପ୍ରକାଶନ ବର୍ଷ 2010 ମସିହା, କାଦିଆନ୍)**

☆ ☆ ☆

## ଗତ 42 ତମ ଶୁମାରା (ସଂଖ୍ୟା)ରେ ପୃ 11-12 ପ୍ରକାଶିତ ଖୁତ୍‌ବା ଜୁମା
### ତା- 03 MARCH 2023 ର ଅବଶିଷ୍ଟାଂଶ..........
## ଖୁତବା ଜୁମା 03 -03-2023

ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌ର ଆଜ୍ଞା ପାଳନକାରୀ ବ୍ୟକ୍ତି ହୋଇଥାଏ ସେ ପ୍ରଭୁଙ୍କର ଅତି ପ୍ରିୟ ପାତ୍ର ହୋଇଥାଏ ଓ ସେହି ବ୍ୟକ୍ତିର ପ୍ରାର୍ଥନା ସ୍ୱୀକୃତ ହୋଇଥାଏ ଏବଂ ପ୍ରଭୁ ନିଜର ପ୍ରିୟ ମିଷ୍ଟ ବାଣୀ ଓ ଔଜସ୍ୱୀତାମୂଳକ ଐଶୀବାଣୀ ମାଧ୍ୟମରେ ଉକ୍ତ ବ୍ୟକ୍ତିକୁ ଅବଗତ କରନ୍ତି । ଅର୍ଥାତ ଯେକୌଣସି ଝଡ଼ ଝଞ୍ଜା ଆସୁ ପଛେ ଏବା ଯେକୌଣସି ବିରୋଧ ବିଶ୍ୱାସକୁ ଦୋହଲାଇ ପାରିବ ନାହିଁ । ଏ ହେଉଛି ମନୁଷ୍ୟର ବିଶେଷତା ଯେ, ବ୍ୟକ୍ତି ଉପରେ ଅଲ୍ଲାଃତାଲାଙ୍କ ବାଣୀର ପ୍ରକାଶ ପଡୁଥାଉ ଓ ସେ ସହି ପବିତ୍ର କୁରଆନ୍ କରୀମକୁ ବୁଝିବା ପାଇଁ ପ୍ରୟାସ କରୁ । ପବିତ୍ର କରୁଆନ୍ କରୀମର ଆଦେଶାବଳୀଗୁଡ଼ିକୁ ପାଳନ କରିବା ଫଳରେ ବ୍ୟକ୍ତିର ପ୍ରାର୍ଥନା ସ୍ୱୀକୃତ ହୋଇଥାଏ ଉକ୍ତ ପ୍ରସଙ୍ଗର ବ୍ୟାଖ୍ୟା କରି ଆପଣ ଅ.ସ କହୁନ୍ତି "ପବିତ୍ର କୁରଆନ୍ କରୀମର ଚମତ୍କାରିକ ପ୍ରଭାବ ଏହିକିଯେ, ଏହି ପବିତ୍ର କୁରଆନ୍ କରୀମର ଅନୁକରଣକାରୀ ବ୍ୟକ୍ତି ସ୍ୱୀକୃତିର ମର୍ଯ୍ୟାଦା ପ୍ରାପ୍ତ କରିଥାଆନ୍ତି ଓ ସେମାନଙ୍କର ଦୁଆ ଗ୍ରହଣୀୟ ହୋଇଥାଏ । ପ୍ରଭୁ ନିଜର ମିଷ୍ଟବାଣୀ ଓ ପ୍ରଭାବଶାଳୀ ବାଣୀ ମାଧ୍ୟମରେ **(ଅବଶିଷ୍ଟାଂଶ .,...........ପୃ- 3ରେ)**

## ପୃ -2 ର ଅବଶିଷ୍ଟାଂଶ ଖୁତବା..........

ବିଶେଷ କରି ଶତ୍ରୁମାନଙ୍କ ବିପକ୍ଷରେ ସେମାନଙ୍କୁ ପ୍ରଭୁ ସାହାଯ୍ୟ ଓ ସମର୍ଥନ ସ୍ୱରୂପ ନିଜର ବିଶେଷ ଆଦୃଷ୍ଟ ପ୍ରସଙ୍ଗ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥାନ୍ତି । **(ଚଶମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-271ର ବି.ଦ୍ର)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ପବିତ୍ର କରୁଆନ୍ କରୀମ୍‌ରେ ସମସ୍ତ ମାର୍ଗଦର୍ଶନ ରହିଛି । ସୁତରାଂ ଉକ୍ତ ପ୍ରସଙ୍ଗକୁ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "ଆରବର ମୁଶରିକ୍ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତି)ମାନଙ୍କ ପରି ଏହି ଦେଶର ଧର୍ମଗ୍ରନ୍ଥଧାରୀମାନେ ମଧ୍ୟ ଅପରାଧ ପ୍ରବୃତ୍ତି ହୋଇଯାଇଥିଲେ । ଖ୍ରୀଷ୍ଟିଆନ୍‌ମାନେ କଫ୍ଫାରା ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇ ତଥା ଏହା ଉପରେ ବିଶ୍ୱାସ କରି ଏହା ଭାବି ନେଇଥିଲେ ଯେ, ଆମର ସମସ୍ତ ପାପ ବୈଧ ହୋଇଯାଇଛି ଏବଂ ଇହୁଦୀମାନେ କହୁଥିଲେ ଯେ, ଆମେମାନେ ଅପରାଧ ଯୋଗୁଁ କେବଳ କିଛି ଦିନ ପାଇଁ ନର୍କରେ ନିକ୍ଷିପ୍ତ ହେବୁ । ଏହାଠୁ ବେଶୀ ଦିନ ପର୍ଯ୍ୟନ୍ତ ନୁହେଁ । ଯେପରିକି ତତ୍‌ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: ذٰلِكَ بِأَنَّهُمْ قَالُوا لَنْ تَمَسَّنَا النَّارُ إِلَّا أَيَّامًا مَعْدُودَاتٍ ۖ وَغَرَّهُمْ فِي دِينِهِمْ مَا كَانُوا يَفْتَرُونَ **(ଆଲେ ଇମ୍ରାନ୍-25)** ଅର୍ଥାତ ବିମୁଖତା ଏଥିଯୋଗୁଁ ହୁଏ ଯେ, ସେମାନେ କୁହନ୍ତି; "କେତେକ ନିର୍ଦ୍ଦିଷ୍ଟ ଦିନ ବ୍ୟତୀତ ନର୍କାଗ୍ନି ଆମକୁ କଦାପି ସ୍ପର୍ଶ କରିବ ନାହିଁ ଏବଂ ସେମାନଙ୍କର ଯାହାକିଛି ମନଗଢା ଚିନ୍ତାଧାରା ରହିଛି ତାହା ସେମାନଙ୍କୁ ସେମାନଙ୍କ ଧର୍ମ ସଂକ୍ରାନ୍ତରେ ପ୍ରତାରିତ କରିଅଛି ।" ଏହି ସାହସିକତା ଓ ଦାମ୍ଭିକତା ସେମାନଙ୍କ ମଧ୍ୟରେ ଏଥିପାଇଁ ଜାତ ହେଲା ଯେ, ସେମାନଙ୍କ ଏହି କଥନ ରହିଛି ଯେ, 'ନର୍କାଗ୍ନି' ସେମାନେ ଯେଉଁ ଆଚରଣ ପ୍ରଦର୍ଶନ କରୁଛନ୍ତି ସେମାନେ ଠାରେ ଏପରି ଘୃଷ୍ଟତା ଓ ଦୁଃସାହସିକତା କିପରି ଓ କାହିଁକି ସୃଷ୍ଟି ହେଲା? ତାହା ଏଥିପାଇଁ କି ସେମାନେ କହିଲେ ଯେ, ନର୍କାଗ୍ନି ଯଦିବି ଆମକୁ ସ୍ପର୍ଶ କରିବ ତେବେ ତାହା କେବଳ କିଛି ଦିନ ବା କାଳ ପାଇଁ ସ୍ପର୍ଶ କରିବ। ଯେଉଁମାନେ ମିଥ୍ୟାରୋପଣ କରନ୍ତି ସେମାନେ ଏହି ମିଥ୍ୟାରୋପଣ ଯୋଗୁଁ ଅହଂକାରୀ ହୋଇ ସେମାନଙ୍କ ଠାରେ ଏଭଳି ଚିନ୍ତାଧାର ପ୍ରକଟ ହୋଇଥାଏ । ସୁତରାଂ ଧର୍ମଗ୍ରନ୍ଥଧାରୀମାନେ ଓ ଅବଜ୍ଞାକାରୀ ଆରବୀୟମାନେ ଯେତେବେଳେ ଅତ୍ୟନ୍ତ ନୀଚ ସ୍ତରର ଅସଭ୍ୟ ତଥା ଅଶିଷ୍ଟ ବ୍ୟକ୍ତି ପାଲଟି ଯାଇଥିଲେ ଏବଂ ସେମାନେ ପାପ କରି ନିଜ ମନରେ ଏହା ଭାବୁଥିଲେ ଯେ, ଆମେମାନେ ପୂଣ୍ୟ କର୍ମ କରିଛୁ ଓ ସେମାନେ ପାପରୁ ନିବୃତ୍ତ ହେଉ ନଥିଲେ ଏବଂ ଶାନ୍ତି ତଥା ସୌହାର୍ଦ୍ଦ୍ୟରେ ବ୍ୟାଘାତ ବା ବାଧା ସୃଷ୍ଟି କରୁଥିଲେ ସେତେବେଳେ ଅଲ୍ଲାଃତାଲା ନିଜର ପ୍ରିୟ ମୁନିବ ତଥା ଅବତାର ହ. ମୁହମ୍ମଦ୍ ସ.ଅଙ୍କ ହସ୍ତରେ ଶାସନ ଡୋର ପ୍ରଦାନ କରି ଆପଣ ସ.ଅଙ୍କ ହସ୍ତରୁ ଅଭାବି ଦରିଦ୍ରମାନଙ୍କୁ ବଞ୍ଚାଇବା ପାଇଁ ଇଚ୍ଛା ପ୍ରକାଶ କଲେ । ଯଦିଓ ଆରବ ରାଷ୍ଟ୍ର ସେତେବେଳେ ସଂପୂର୍ଣ୍ଣ ରୂପେ ସ୍ୱାୟତ୍ତ ଶାସନ ଥିଲା ଏବଂ ଆରବର ଲୋକାମନେ ଅନ୍ୟ କୌଣସି ସମ୍ରାଟ ଅଧୀନ ନଥିଲେ । ତେଣୁ ପ୍ରତ୍ୟେକ ଗୋଷ୍ଠୀ ଏବଂ ପ୍ରତ୍ୟେକ ସଂପ୍ରଦାୟ ଅତ୍ୟନ୍ତ ବନ୍ଧହୀନ ଓ ନିର୍ଭୀକତାର ସହିତ ଜୀବନ ଯାପନ କରୁଥିଲା ଓ ସେମାନଙ୍କ ପାଇଁ କୌଣସି ଦଣ୍ଡ ବିଧାନର ବ୍ୟବସ୍ଥା ନଥିଲା । ତେଣୁ ସେହି ଲୋକମାନେ ପ୍ରତିଦିନ ଅପରାଧ କରିବାରେ ଉନ୍ନତି କରୁଥିଲେ । ସୁତରାଂ ଅଲ୍ଲାଃତାଲା ଉକ୍ତ ଦେଶ ଉପରେ କୃପାବତୀର୍ଣ୍ଣ କରି ଆଁହଜରତ ସ.ଅଙ୍କୁ ସେହି ଦେଶ ପାଇଁ ଜଣେ ବାର୍ତ୍ତାବହକ ରୂପେ ନୁହେଁ ବରଂ ସେହି ଦେଶର ସମ୍ରାଟ ମଧ୍ୟ କରିଦେଲେ ଓ ପବିତ୍ର କୁରଆନ୍ କରୀମକୁ ଏକ ଆଇନ ପରି ପୂର୍ଣ୍ଣତ୍ୱ ପ୍ରଦାନ କଲେ । ଯହିଁରେ ଦେୱାନୀ, ଫୌଜଦାରୀ ଓ ଆର୍ଥିକ ମାର୍ଗଦର୍ଶନ ନିହିତ ରହିଛି । ସୁତରାଂ ଆଁହଜରତ ସ.ଅ ଜଣେ ସମ୍ରାଟ ହିସାବରେ ସମସ୍ତ ସଂପ୍ରଦାୟର ଶାସକ ମଧ୍ୟ ଥିଲେ ଏବଂ ପ୍ରତ୍ୟେକ ଧର୍ମାବଲମ୍ବୀ ନିଜର ମାଲି ମକଦ୍ଦମା ଆପଣ ସ.ଅଙ୍କ ଆଗରେ ଉପସ୍ଥାପିତ କରି ନ୍ୟାୟ ତଥା ନିର୍ଣ୍ଣୟ ପାଉଥିଲେ । ପବିତ୍ର କୁରଆନ୍ କରୀମରୁ ଏହା ସାବ୍ୟସ୍ତ ଯେ, ଏକଦା ଜଣେ ମୁସଲମାନ ଓ ଜଣେ ଇହୁଦୀ ବ୍ୟକ୍ତିର ଆଁହଜରତ ସ.ଅଙ୍କ ଅଦାଲତ୍‌ରେ ମକଦ୍ଦମା ଆସିଲା । ତେବେ ଆଁହଜରତ ସ.ଅ ତଦନ୍ତ କରାଇବା ପରେ ଇହୁଦୀ ବ୍ୟକ୍ତିକୁ ସତ୍ୟ ସାବ୍ୟସ୍ତ କଲେ ଓ ମୁସଲମାନ ବ୍ୟକ୍ତି ଉପରେ ଉକ୍ତ ଇହୁଦୀ ବ୍ୟକ୍ତର ଦାବି ଅନୁଯାୟୀ ଇହୁଦୀ ବ୍ୟକ୍ତ ସପକ୍ଷରେ ରାୟ ଦେଲେ ବା ନିର୍ଣ୍ଣୟ ଶୁଣାଇଲେ । ସୁତରାଂ କେତେକ ବିରୋଧୀ ଅବୋଧ ବ୍ୟକ୍ତି ଯେଉଁମାନେ ପବିତ୍ର କୁରଆନ୍ କରୀମ ଧ୍ୟାନର ସହିତ ପାଠ କରନ୍ତି ନାହିଁ ସେମାନେ ପ୍ରତ୍ୟେକ ସ୍ଥାନକୁ ଆଁହଜରତ ସ.ଅଙ୍କ ଅବତାରତ୍ୱ ଅଧୀନ ନେଇ ଆସନ୍ତି । କିନ୍ତୁ ଏହିପରି ଶାସ୍ତି ଖିଲାଫତ୍ ଅର୍ଥାତ ସମ୍ରାଟତ୍ୱ ହିସାବରେ ପ୍ରଦାନ କରାଯାଇଥାଏ ।"**(ଚଶମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-242-243)**

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ ପବିତ୍ର କୁରଆନ୍ କରୀମ୍ ମାଧ୍ୟମରେ ପବିତ୍ର ଜୀବନ ପ୍ରାପ୍ତ କରିବା ପ୍ରସଙ୍ଗରେ କୁହନ୍ତି: "ଏକଥା ପ୍ରକାଶ୍ୟ ଯେ, ପ୍ରତ୍ୟେକ ବସ୍ତୁରୁ ଏହି ବିଶେଷତା ମନେକରାଯାଏ ଯେ, ଯେଉଁ ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିବା ନିମନ୍ତେ ତାହା ଜାତ ହୋଇଛି ତାହା ସେହି ଅଭିପ୍ରାୟକୁ ସୁନ୍ଦର ଭାବରେ ସମ୍ପାଦିତ ଓ ସଂପୂର୍ଣ୍ଣ କରୁ । ଉଦାହରଣ ସ୍ୱରୂପ ଏକ ବଳଦକୁ ଯଦି ହଳ କରିବା ପାଇଁ କ୍ରୟ କରାଯାଇଛି ତେବେ ସେହି ବଳଦର ଏହି ବିଶେଷତା ଲକ୍ଷ୍ୟ କରାଯିବ ଯେ, ଉକ୍ତ ବଳଦଟି ସଠିକ୍ ରୂପେ ବିଲକୁ ହଳ କରିବାକୁ ସକ୍ଷମ ହେବା ଉଚିତ୍ ।" ହ. ମସିହ୍ ମଉଦ୍ ଅ.ସ କୁହନ୍ତି:"ବଳଦ ହଳ କରିବା ନିମନ୍ତେ ପ୍ରଯୁଜ୍ୟ ଓ ହଳ କରିବା ନିମନ୍ତେ କ୍ରୟ କରାଯାଇଛି । ତେଣୁ ହଳ କରିବା ପାଇଁ ତାହା ବ୍ୟବହାର ହେବା ଉଚିତ୍ ଏବଂ ଭଲ ହଳ କରୁଥିବା ବଳଦକୁ ଭଲ ବଳଦ ବୋଲି ବୁଝାଯିବ। ଠିକ୍ ସେହିପରି ଏହା ପ୍ରକାଶ୍ୟ ଥାଉ କି ଆକାଶୀୟ ପୁସ୍ତକର ପ୍ରକୃତ ଅଭିପ୍ରାୟ ଏହା ହିଁ ହେବା ଉଚିତ୍ ଯେ, ନିଜର ଅନୁଗାମୀମାନଙ୍କୁ ନିଜ ସତ୍‌ଶିକ୍ଷା, ସୁପ୍ରଭାବ, ସୁସଂସ୍କାର, ଶକ୍ତି ଓ ନିଜର ଆଧ୍ୟାତ୍ମିକ ବିଶେଷତା ଦ୍ୱାରା ପ୍ରତ୍ୟେକ ପ୍ରକାରର ପାପ ତଥା କଳୁଷିତ ଜୀବନରୁ ମୁକୁଳାଇ ଏକ ପବିତ୍ର ଜୀବନ ପ୍ରଦାନ କରୁ । ପୁନଶ୍ଚ ପବିତ୍ର କରି ସାରିବା ପରେ ଈଶ୍ୱରଙ୍କୁ ଚିହ୍ନିବା ନିମନ୍ତେ ଏକ ପୂର୍ଣ୍ଣ ଦୃଷ୍ଟି ପ୍ରଦାନ କରୁ ଓ ସେହି ଅତୁଳନୀୟ ଅସ୍ତିତ୍ୱଙ୍କ ସହିତ ଯେକି ସକଳ ପ୍ରସନ୍ନତାର ନିର୍ଝର ଅଟନ୍ତି ସେ ପ୍ରେମ ଓ ଆନ୍ତରୀକତାତାର ସଂପର୍କ ସୃଷ୍ଟି କରନ୍ତୁ । କାରଣ ବାସ୍ତବରେ ଏହା ହିଁ ମୋକ୍ଷମୂଳକ ପ୍ରେମର ମୂଳ ଅଟେ ଓ ଏହା ହିଁ ସେହି ବୈକୁଣ୍ଠ ଯହିଁରେ ପ୍ରବେଶ କରିବା ପରେ ସମସ୍ତ ସନ୍ତାପ, କ୍ଷୋଭ, କଟୁତା, ଦୁଃଖ ଏବଂ ଶାସ୍ତି ଦୂରୀଭୂତ ହୋଇଯାଇଥାଏ । ନିଃସନ୍ଦେହ ରୂପେ ଜୀବନ୍ତ ଓ ପୂର୍ଣ୍ଣ ଧର୍ମଗ୍ରନ୍ଥ ତାହା ହିଁ ହୋଇପାରିବ ଯାହାକି ଈଶ୍ୱରାଭିଳାଷୀ ବ୍ୟକ୍ତିକୁ ତା'ର ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ । ତା'କୁ ନିକୃଷ୍ଟ ଜୀବନରୁ ମୋକ୍ଷ ପ୍ରଦାନ କରି ସେହି ପ୍ରକୃତ ପ୍ରିୟଙ୍କ ସହିତ ସାକ୍ଷାତ୍ କରାଉ ଯାହାଙ୍କ ଦର୍ଶନ କରିବା ମାତ୍ରେ ମୋକ୍ଷ ସୁନିଶ୍ଚିତ । ସମସ୍ତ ଆଶଙ୍କା ଓ ସନ୍ଦେହରୁ ମୁକ୍ତି ପ୍ରଦାନ କରି ଏପରି ପୂର୍ଣ୍ଣ ପରିଚୟ ତା'କୁ ପ୍ରଦାନ କରନ୍ତୁ ଯେ, ସେ ଏହା ଅନୁଭବ କରୁ କି ସେ ନିଜ ପରମେଶ୍ୱରଙ୍କୁ ଦେଖିନେଉ ଓ ଈଶ୍ୱରଙ୍କ ସହିତ ଏପରି ଦୃଢ ସଂପର୍କ ସ୍ଥାପନ ହୋଇଯାଉ ଯେ, ସେ ପ୍ରଭୁଙ୍କ ବିଶ୍ୱସ୍ତ ଭକ୍ତ ହୋଇଯାଉ । ପ୍ରଭୁ ତା' ଉପରେ ଏପରି କୃପା ଓ ଦୟାବତୀର୍ଣ୍ଣ କରନ୍ତୁ ଯେ, ନିଜର ନାନ ସାହାଯ୍ୟ ଓ ସମର୍ଥନ ମାଧ୍ୟମରେ ନିଜ ଭକ୍ତ ତଥା ଅନ୍ୟ ମଧ୍ୟରେ ଏକ ପାର୍ଥକ୍ୟ ସୃଷ୍ଟି କରି ଦେଖାଇ ଦିଅନ୍ତୁ ଓ ନିଜର ପରିଚୟର ଦ୍ୱାର ତା' ପାଇଁ ଉନ୍ମୁକ୍ତ କରି ଦିଅନ୍ତୁ । ଯଦି କୌଣସି ପୁସ୍ତକ ନିଜର ଏହି କର୍ତ୍ତବ୍ୟକୁ ସଠିକ୍ ରୂପେ ନିର୍ବାହ କରୁ ନାହିଁ ଯାହାକି ତା'ର ସର୍ବାଦୌ କର୍ତ୍ତବ୍ୟ ଅଟେ । ତେବେ ଅନ୍ୟ ବାଯ୍ୟ ଦାବିରୁ ନିଜର ବିଶେଷତା ସାବ୍ୟସ୍ତ କରିବା ଉଚିତ୍ । ଅତଃ ଏହାର ଏହି ଉଦାହରଣ ଯେ, ଯଦି ଜଣେ ବ୍ୟକ୍ତି ଅଭିଜ୍ଞ ବୈଦ୍ୟ (ଡାକ୍ତର) ହେବାର ଦାବି କରେ ଓ ତା' ଆଗରେ ଯେତେବେଳେ କୌଣସି ରୋଗୀ ଉପସ୍ଥାପିତ କରାଯାଏ ଏବଂ ଉକ୍ତ ବୈଦ୍ୟକୁ କୁହାଯାଏ ଯେ, ଏହି ରୋଗିକୁ ଭଲ କରି ଦେଖାଅ ! ତେବେ ସେ ବୈଦ୍ୟ ଜଣକ ଏହି ଉତ୍ତର ଯଦି ଦିଏ ଯେ, ମୁଁ ଏହି ରୋଗୀକୁ ଭଲ କରିପାରିବି ନାହିଁ । କିନ୍ତୁ ମୁଁ ଭଲ କୁସ୍ତି କରିବା ଜାଣେ । ଅବା ସେହି ବୈଦ୍ୟ ଏହା କୁହେ ଯେ, ମୁଁ ଚିତ୍ରାଙ୍କନ ବିଦ୍ୟା ଏବଂ ଦର୍ଶନ ବିଦ୍ୟାରେ ପାରଙ୍ଗମ । ତେବେ ପ୍ରକାଶ୍ୟ ଥାଉ ଯେ, ଏହିପରି ବ୍ୟକ୍ତି ଉପହାସ ଯୋଗ୍ୟ ବିବେଚିତ ହେବ ଓ ବୁଦ୍ଧିମାନ ବ୍ୟକ୍ତିଙ୍କ ନିକଟରେ ସେ ନିନ୍ଦା ଭର୍ତ୍ସିତ ଯୋଗ୍ୟ ଅଟେ । ଈଶ୍ୱରଙ୍କ ଗ୍ରନ୍ଥ ଓ ଈଶ୍ୱରଙ୍କ ବାର୍ତ୍ତାବହ ଯେଉଁମାନେ ଏହି ମର୍ତ୍ତ୍ୟମଣ୍ଡଳକୁ ଆସନ୍ତି, ସେମାନଙ୍କର ବୃହତ୍ ଅଭିପ୍ରାୟ ଏହା ହିଁ ହୋଇଥାଏ ଯେ, ସେମାନେ ସଂସାରକୁ ପାପ ଓ ଅପରାଧମୂଳକ ଜୀବନରୁ ଉଦ୍ଧାର କରନ୍ତୁ ଓ ପ୍ରଭୁଙ୍କ ସହିତ ପବିତ୍ର ସଂପର୍କ ସ୍ଥାପନ କରନ୍ତୁ । ସେମାନଙ୍କର ଏହା ଅଭିପ୍ରାୟ ତ' ହୋଇ ନଥାଏ ଯେ, ସାଂସାରିକ ଜ୍ଞାନ ଲୋକମାନଙ୍କୁ ଶିଖାନ୍ତୁ ଓ ସଂସାରର ଉଦ୍ଭାବନ ତଥା ଆବିଷ୍କାର ସଂକ୍ରାନ୍ତରେ ଲୋକମାନେ ଅବଗତ କରାନ୍ତୁ ।"

"ଅତଃ ଜଣେ ବୁଦ୍ଧିମାନ ଓ ନ୍ୟାୟପ୍ରିୟ ସ୍ୱଭାବ ବ୍ୟକ୍ତି ପକ୍ଷରେ ଉକ୍ତ କଥା ବୁଝିବା କଷ୍ଟ ନୁହେଁ ଯେ, ଐଶୀ ଧର୍ମଗ୍ରନ୍ଥର ଏହି ଦାୟିତ୍ୱ ରହିଛି ଯେ, ତାହା ପ୍ରଭୁଙ୍କ ସହିତ ସାକ୍ଷାତ୍ କରାଉ ଓ ପ୍ରଭୁଙ୍କ ଅସ୍ତିତ୍ୱ ସଂକ୍ରାନ୍ତରେ ବିଶ୍ୱାସକୁ ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ଦେଉ ଏବଂ ପ୍ରଭୁଙ୍କ ମାହାତ୍ମ୍ୟତା ତଥା ତାହାଙ୍କ ଅଲୌକିକତାକୁ ହୃଦୟ ମଧ୍ୟରେ ଆସନ୍ନିତ କରାଇ ହୃଦୟକୁ ପାପ ଠାରୁ ଅଟକାଇ ଦେଉ । ଅନ୍ୟଥା ଆମେମାନେ ଏଭଳି ପୁସ୍ତକକୁ ନେଇ କ'ଣ କରିବୁ ଯିଏ ମନ ଭିତରୁ ନା କଳୁଷତାକୁ ଦୂରୀଭୂତ କରିପାରିବ ଓ ନା ହିଁ ଏଭଳି ପବିତ୍ରତା ତଥା ପୂର୍ଣ୍ଣ ବ୍ରହ୍ମଜ୍ଞାନ ପ୍ରଦାନ କରିପାରିବ ଯାହାକି ପାପକୁ ଘୃଣା କରିବାର କାରଣ ସାଜି ପାରିବ ? ମନେରଖ ! ପାପ କରିବାର ଯେଉଁ ଇଚ୍ଛା ତଥା ଅଭିଳାଷା ରହିଛି ତାହା କୁଷ୍ଠ ରୋଗ ସଦୃଶ ଏବଂ ଏହି କୁଷ୍ଠ ରୋଗ ଅତ୍ୟନ୍ତ ଭୟଙ୍କର ଅଟେ । ଏହି କୁଷ୍ଠ ରୋଗ କୋଣସି ମତେ ଦୂର ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ପ୍ରଭୁଙ୍କ ଜୀବନ୍ତ ବ୍ରହ୍ମଜ୍ଞାନର ଚମକ୍‌କାର ଓ ତାହାଙ୍କର ରୂପ ବିଭବ, ମହାତ୍ମ୍ୟତା, ଗାରିମା ଓ ପ୍ରଭୁଙ୍କ ଐଶୀଲୀଳାର ନିଦର୍ଶନ ବର୍ଷା ପରି ନ ବର୍ଷିଛି ଏବଂ ଯେପର୍ଯ୍ୟନ୍ତ ମନୁଷ୍ୟ ପ୍ରଭୁଙ୍କୁ ତାହାଙ୍କ ଅଲୌକିକ ଶକ୍ତି ସହିତ ଦେଖି ନନେଏଇଛି ଯେପରିକି ଛେଳୀ

ସିଂହକୁ ଦେଖିଥାଏ ଯେ, ସିଂହ ତା' ଠାରୁ ଦୁଇ ପାଦ ଦୂରତାରେ ଛିଡ଼ା ହୋଇଛି। ଠିକ୍ ସେହିପରି ମୁନଷ୍ୟ ପକ୍ଷେ ଏହା ଏକାନ୍ତ ଅପିରାହାର୍ଯ୍ୟ ଯେ, ସେ ପାପର ମାରାତ୍ମକ ଆବେଗ ଠାରୁ ପବିତ୍ର ହୋଇଯାଇ ଏବଂ ପ୍ରଭୁଙ୍କ ମାହାତ୍ମ୍ୟତା ତା' ମନ ଭିତରେ ବସା ବାନ୍ଧି ନେଉ ବା ଆସନିତ ହୋଇଯାଉ ଯେପରି ଅନାଶାତିତ ଯୌନ କାମନା ବା ଯୌନ ଲାଳସା ଜନିତ ପ୍ରବୃତ୍ତି ଯାହାକି ଆକାଶୀୟ ଚଡ଼କ ପରି ତା' ଉପରେ ପଡ଼ିଥାଏ ଏବଂ ତା'ର ଧର୍ମପରାୟଣତାର ସମସ୍ତ ସାଧାନକୁ ଅକସ୍ମାତ୍ ଭସ୍ମୀଭୂତ କରି ଦେଇଥାଏ । ତେଣୁ ଠିକ୍ ସେହିଭଳି କାମନା ଏବଂ ବାସନା ଠାରୁ ମନୁଷ୍ୟ ଦୂରେଇ ରହୁ । ଅତଏବ୍ କ'ଣ ସେହି ଅପବିତ୍ରତାମୂଳକ ଯୌନ କାମନା ଓ ପ୍ରବୃତ୍ତି ଯାହାକି ବାତ ରୋଗ ପରି ବାରମ୍ବାର ମନୁଷ୍ୟକୁ ଆକ୍ରମଣ ତଥା ଆକ୍ରାନ୍ତ କରିଥାଏ । ଫଳତଃ ମନୁଷ୍ୟମାନେ ଧର୍ମପରାୟଣତାର ସମସ୍ତ ବିବେକ ଓ ଚିନ୍ତା ଚେତନାବସ୍ଥାକୁ ହରାଇ ବସିଥାନ୍ତି, ସେମାନେ କେବଳ ନିଜ ଦ୍ୱାରା ଆହୃତ ବା ସ୍ୱକୃତ ପରମେଶ୍ୱରଙ୍କ ଚିନ୍ତାରୁ ଦୂରେଇ ଯାଇ ପାରିବେ କି, ଅବା କେବଳ ନିଜର ପ୍ରସ୍ତାବିତ ଚିନ୍ତାଧାରା ଠାରୁ ଚାପଗ୍ରସ୍ତ ହୋଇପାରିବେ କି, ଅବା କୌଣସି ଏଭଳି କଫ୍ଫାରାହ୍ (କୌଣସି ପାପର ପ୍ରାୟଶ୍ଚିତ ସ୍ୱରୂପ କ୍ଷତିପୂରଣ ପ୍ରଦାନ କରିବା) ଦେବାରୁ ଅଟକିଯାଇ ପାରିବେ କି, ଯାହାର ଖେଦୋକ୍ତି ବା ଦୁଃଖ ସେମାନଙ୍କର ଆତ୍ମାକୁ ସ୍ପର୍ଶ କରିପାରିବ କି ? କଦାପି ନୁହେଁ । ଉପରୋକ୍ତ କଥାଟି କୌଣସି ସାଧାରଣ କଥା ନୁହଁ ବରଂ ସମସ୍ତ କଥା ଠାରୁ ସର୍ବାଧିକ ରୂପେ ବୁଦ୍ଧିମାନ ବ୍ୟକ୍ତି ନିକଟରେ ବିଚାରଯୋଗ୍ୟ ଅଟେ । କାରଣ ସେହି ବିନାଶ ଯାହାକି ସେହି ଅଶିଷ୍ଟ ଏବଂ ଅସଭ୍ୟତା ତଥା ସଂପର୍କହୀନତା ଯୋଗୁଁ ସମ୍ମୁଖୀନ ହେବାକୁ ପଡ଼ିଥାଏ, ଯାହାର ପ୍ରକୃତ ମୂଳାଧାର ପାପ, ଅପରାଧ ଏବଂ ଅବଜ୍ଞାକାରୀତା ଅଟେ, ତହିଁରୁ ସେ କିପରି ସୁରକ୍ଷିତ ରହିପାରିବ ? ଏକଥା ପ୍ରକାଶ୍ୟ ଯେ, ମନୁଷ୍ୟ ବିଶ୍ୱାସମୂଳକ ସ୍ୱାଦକୁ କେବଳ କାଳ୍ପନିକ ଚିନ୍ତାଧାରା ବୋଲି ବିବେଚିତ କରି ପରିତ୍ୟାଗ କରିପାରିବ ନାହିଁ । ବରଂ କେତେକ ବିଶ୍ୱାସମୂଳକ ସ୍ୱାଦ ମଧ୍ୟ ତାହାକୁ ପ୍ରାପ୍ତ ହୋଇଥାଏ । ତତ୍‌ସଂକ୍ରାନ୍ତରେ ଏହା କହିବା କି ସେହି କଥା ସଂପର୍କରେ ଏହି ଧାରଣା ରଖିଲେ ଆମମାନଙ୍କୁ **ଇନ୍‌ଶାଅଲ୍ଲାଃ** ତାହା ପ୍ରାପ୍ତ ହେବ, କେବେ ମିଳିବ ଓ କେଉଁ ରୂପରେ ମିଳିବ ଉକ୍ତ ବ୍ୟକ୍ତି ଉପରେ ଛାଡ଼ି ଦିଆଯାଇ ପାରିବ ନାହିଁ । ଆପଣ ଅ.ସ କହିଲେ, ହଁ କିନ୍ତୁ ଗୋଟିଏ ବିଶ୍ୱାସମୂଳକ ପ୍ରସଙ୍ଗ ଅନ୍ୟ ଏକ ବିଶ୍ୱାସମୂଳକ ପ୍ରସଙ୍ଗ ଠାରୁ ଭିନ୍ନ ହୋଇପାରେ । ଉଦାହରଣ ସ୍ୱରୂପ ଏକ ଅରଣ୍ୟ ସଂପର୍କରେ ଏହି ବିଶ୍ୱାସ କରାଯାଏ ଯେ, ଉକ୍ତ ସ୍ଥାନରେ ଜଙ୍ଗଲ ରହିଛି ଏବଂ ସେହି ଅରଣ୍ୟରେ ଅନେକ ହରିଣମାନଙ୍କୁ ଅତି ସହଜରେ ଧରାଯାଇ ପାରିବ। ଆମେମାନେ ଏହି ଧାରଣାର ଏବଂ ବିବେକର ଆହ୍ୱାନ ଯୋଗୁଁ ପଦକ୍ଷେପ ଗ୍ରହଣ କରିବା ପାଇଁ ତତ୍ପର ଓ ପ୍ରସ୍ତୁତ ହୋଇଥାଉ । କିନ୍ତୁ ଯେତେବେଳେ ମନ ଭିତରେ ଏହି ପୂର୍ଣ୍ଣ ବିଶ୍ୱାସ ହୋଇଯାଏ ଯେ, ସେଠାରେ ୫୦ଟି ହିଂସ୍ର ସିହଂମାନେ ମଧ୍ୟ ଉପସ୍ଥିତ ଅଛନ୍ତି ଏବଂ ହଜାର ହଜାର ନିର୍ଦ୍ଦୟୀ ରକ୍ତପିପାସୁ ଅଜଗର ସର୍ପ ମଧ୍ୟ ରହିଛନ୍ତି ଯେଉଁମାନେ ନିଜର ପାଟି ଖୋଲି ଆଁ କରି ବସି ରହିଛନ୍ତି ତେବେ ଆମେମାନେ ସେହି ଉଦ୍ଦେଶ୍ୟ ଅର୍ଥାତ ହିରଣ ଧରିବାର ଉଦ୍ଦେଶ୍ୟକୁ ପରିତ୍ୟାଗ କରିଦେବୁ । ଠିକ୍ ସେହିପରି ବିନା ପୂର୍ଣ୍ଣ ବିଶ୍ୱାସରେ ପାପ ମଧ୍ୟ ଦୂରୀଭୂତ ହୋଇପାରିବ ନାହିଁ । ସୁତରାଂ ପାପକୁ ଦୂର କରିବାର ଏକ ଉପାୟ ଏବଂ ପନ୍ଥା ରହିଛି, ତାହା ଏହିପରି ଯେ, ମନୁଷ୍ୟ ନିଜ ହୃଦୟରେ ଏହି ବିଶ୍ୱାସ ରଖୁ ଯେ, ଯଦି ଆମେମାନେ ସାମୟିକ ଓ ବ୍ୟକ୍ତିଗତ ସ୍ୱାର୍ଥ ସକାଶେ କୌଣସି ପାପ କରୁ ତାହା ଠିକ୍ ସେହିପରି ଅଟେ ଯେପରି ଆମେମାନେ ଏହି ବିଶ୍ୱାସ ରଖୁ ଯେ, ଯେଉଁ ଜଙ୍ଗଲ ବା ଅରଣ୍ୟରେ ଆମେମାନେ ଶିକାର କରିବାକୁ ଯାଉଛେ ସେଠାରେ ନିର୍ଦ୍ଦୟୀ, ମଣିଷଖିଆ ରକ୍ତ ପିପାସୁ ହିଂସ୍ର ସିଂହ ଓ ଅଜଗର ସର୍ପ ମଧ୍ୟ ରହିଛନ୍ତି ଏବଂ ସେମାନେ ଆମମାନଙ୍କୁ ସେଠାରେ ହରିଣର ଶିକାର କରିବାକୁ ଦେବେ ନାହିଁ । ଆପଣ ଅ.ସଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ସେହି ଅରଣ୍ୟରେ ଥିବା ହିଂସ୍ର ସିଂହ ଓ ଅଜଗର ସର୍ପର ଉପସ୍ଥିତି ଯୋଗୁଁ ମନୁଷ୍ୟ ଉକ୍ତ ଅରଣ୍ୟରେ ହରିଣ ଶିକାର କରିବାକୁ ଭୟ ବୋଲି ମନେ କରିଥାଏ ଏବଂ ସେଠାକୁ ଯିବାର ଉଦ୍ଦେଶ୍ୟକୁ ସେ ପରିତ୍ୟାଗ କରିଦେଇଥାଏ ଏବଂ ସେହି ପ୍ରକାରର ପାପ ଓ ଅପରାଧ କରିବାରୁ ସେ ବିତୃଷ୍ଣା ଭାବ ପ୍ରକାଶ କିରଥାଏ ଠିକ୍ ସେହିପରି ମନୁଷ୍ୟ ହୃଦୟରେ ଯେତେବେଳେ ଏହି ବିଶ୍ୱାସ ବସା ବାନ୍ଧି ନିଏ ଯେ, ମୁଁ ଯେଉଁ ପାପ କର୍ମ ଓ ଅପରାଧ କରୁଛି ତାହାର କର୍ମଫଳ ମୁଁ ଅବଶ୍ୟ ଭୋଗିବି ଏବଂ ପ୍ରଭୁଙ୍କର କଠୋର ଶାସ୍ତି ଦ୍ୱାରା ଦଣ୍ଡିତ ହେବି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଲୁହାକୁ ଲୁହା ଦ୍ୱାରା ହିଁ କଟା ଯାଇପାରିବ । ପବିତ୍ର କୁରଆନ୍ କରୀମ୍‌ର ପ୍ରଭାବ ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ପ୍ରଭୁଙ୍କ ମହିମା ଓ ବୈଭବ୍ୟତାର ସେହି ବିଶ୍ୱାସ ଲୋଡ଼ା ଯାହାକି ଅବଚେତନର ପରଦାକୁ ଖଣ୍ଡବିଖଣ୍ଡିତ କରିଦେଇ ଶରୀର ଉପରେ ଏକ କମ୍ପନ ସୃଷ୍ଟି କରି ଭକ୍ତକୁ ମୃତ୍ୟୁର ନିକଟବର୍ତ୍ତୀ ହେବା ପରେ ଭୟ ସଞ୍ଚାର କରିଥାଏ ଏବଂ ସେହି ଭୟ ମନ ଭିତରେ ଏହିଭଳି ପ୍ରସାରିତ ହୁଏ ଯେ, ଯାହା ଫଳରେ ନଫ୍‌ସେ ଅମ୍ମାରାହ୍‌ର ସମସ୍ତ ଡୋର ଛିଡ଼ି ଯାଇଥାଏ ଏବଂ ମନୁଷ୍ୟ ଏକ ଆଦୃଷ୍ଟ ହସ୍ତ ଦ୍ୱାରା ପ୍ରଭୁଙ୍କ ଆଡ଼କୁ ଆକର୍ଷିତ ହୋଇଥାଏ ଏବଂ ତା'ର ହୃଦୟ ବିଶ୍ୱାସରେ ଭରି ଯାଇଥାଏ । କାରଣ ବାସ୍ତବ ପକ୍ଷେ ଭଗବାନ ବିଦ୍ୟମାନ ଅଟନ୍ତି ଯେକି ନିର୍ଭୀକ ଅପରାଧୀକୁ ଶାସ୍ତି ନଦେବା ପର୍ଯ୍ୟନ୍ତ ଛାଡ଼ି ନଥାନ୍ତି । ତେଣୁ ଜଣେ ପ୍ରକୃତ ପବିତ୍ରତାର ଅଭିଳାଷୀ ବା ଅନ୍ୱେଷଣକାରୀ ଏହିଭଳି ପୁସ୍ତକକୁ ନେଇଁ କ'ଣ କରିବ ଯାହା ମାଧ୍ୟମରେ ତା'ର ସେହି ଆବଶ୍ୟକାତ ପୂରଣ ହୋଇପାରିବ ନାହିଁ ? ତେଣୁ ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ଏକଥା ସ୍ପଷ୍ଟ କରି ଦେବାକୁ ଚାହେଁ ଯେ, ସେହି ଧର୍ମଗ୍ରନ୍ଥ ଯାହାକି ମନୁଷ୍ୟର ସେହି ସମସ୍ତ ଆବଶ୍ୟକତାକୁ ପୂରଣ କରିଥାଏ ଯାହାକି ତା' ନିମନ୍ତେ ଉପଯୋଗୀ ତଥା ଆବଶ୍ୟକ ତାହା ହେଉଛି ପବିତ୍ର କୁରଆନ୍ । ଏହି ଗ୍ରନ୍ଥ ମାଧ୍ୟମରେ ପ୍ରଭୁଙ୍କ ଆଡ଼କୁ ମନୁଷ୍ୟ ଆକର୍ଷିତ ହୋଇଥାଏ ଓ ସାଂସାରିକ ମୋହମାୟା କ୍ରମଶଃ ଶିଥିଳ ହୋଇ ଯାଇଥାଏ । ସେହି ଈଶ୍ୱର ଯେକି ସୂକ୍ଷ୍ମାତିସୂକ୍ଷ୍ମ ଅଟନ୍ତି ତାହାଙ୍କର ଆଜ୍ଞାପାଳନ କରିବା ନିଜ ତଥା ଭକ୍ତ ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ । ସେହି ସର୍ବଶକ୍ତିମାନ ପ୍ରଭୁଙ୍କ ସମସ୍ତ ଲୀଳା ଏବଂ ଶକ୍ତି ସଂପର୍କରେ ଅଣମୁସଲମାନ ସଂପ୍ରଦାୟମାନେ ଅବଗତ ନୁହନ୍ତି। ତେଣୁ ପବିତ୍ର କୁରଆନ୍‌ର ଆଦେଶାବଳୀର ଆଜ୍ଞାପାଳନ କରିବା ଏବଂ ଆଜ୍ଞାକାରୀ ବ୍ୟକ୍ତିକୁ ଭଗବାନ ସ୍ୱୟଂ ଦର୍ଶନ ଦେଇଥାଆନ୍ତି । ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ ଆଜ୍ଞା ପାଳନ କରୁଥିବା ବ୍ୟକ୍ତିକୁ ପ୍ରଭୁ ସ୍ୱୟଂ ଦର୍ଶନ ଦିଅନ୍ତି ଏବଂ ଈଶ୍ୱରଦୂତମାନଙ୍କର ବାସସ୍ଥାନର ଭ୍ରମଣ କରାଇ ଥାଆନ୍ତି। ପ୍ରଭୁ ସ୍ୱୟଂ ବିଦ୍ୟମାନ ହେବାର ସ୍ୱର ଦ୍ୱାରା ନିଜ ଅସ୍ତିତ୍ୱ ସଂକ୍ରାନ୍ତରେ ଭକ୍ତକୁ ସୂଚିତ କରିଥାଆନ୍ତି ।''

ଅତଏବ୍ ଏହା ହେଉଛି ସେହି ଅବବୋଧ ଯେଉଁ ଅବବୋଧ ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ରୁ ହିଁ ପ୍ରାପ୍ତ ହେବା ଉଚିତ । ପବିତ୍ର କୁରଆନ୍ କରୀମ୍‌ର ବ୍ୟାବହାରିକ ଦିଗ ବା ପକ୍ଷ ମଧ୍ୟ ରହିଛି, ଯେଉଁ ଦିଗ ବା ପକ୍ଷର ପରିପ୍ରକାଶ ଆମମାନେ ସ୍ୱୟଂ ଅବଲୋକନ କରିବା ଉଚିତ । ଅନ୍ୟଥା ଅନ୍ୟ ଧର୍ମାବଲମ୍ବୀମାନଙ୍କ ପରି ଆମମାନଙ୍କର ବିଶ୍ୱାସର ଯେଉଁ ଦାବି ରହିଛି ତାହା ଫମ୍ପା ଏବଂ ଖାଲି ଦାବି ସାବ୍ୟସ୍ତ ହେବ । ଆପଣ ଅ.ସ କହିଲେ, ଉକ୍ତ ଗ୍ରନ୍ଥ ଅର୍ଥାତ ପବିତ୍ର କୁରଆନ୍ କରୀମ୍ ମନୁଷ୍ୟର ଚାରିତ୍ରିକ ଓ ଆଧାତ୍ମିକ ସଂଶୋଧନ କରିଥାଏ, ଯାହା ଅନ୍ୟ ଧର୍ମଗ୍ରନ୍ଥର ପୁସ୍ତକମାନେ କରନ୍ତି ନାହିଁ । ସେହି ଧର୍ମାବଲମ୍ବୀମାନଙ୍କ ଧର୍ମଗ୍ରନ୍ଥରେ ପୂର୍ଣ୍ଣାଙ୍ଗ ଶିକ୍ଷା ବର୍ଣ୍ଣିତ ହୋଇ ନାହିଁ । ଏଣୁ ସେହି ଧର୍ମଗ୍ରନ୍ଥଗୁଡ଼ିକ ମନୁଷ୍ୟର ଧାର୍ମିକ, ଚାରତ୍ରିକ, ଆଧାତ୍ମିକ, ସାମାଜିକ, ପାରିବାରିକ ସଂଶୋଧନ କରି ନଥାନ୍ତି। ଆଉ ଯଦି ଆମେମାନେ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀଗୁଡ଼ିକୁ ପାଳନ କରିବା ସତ୍ତ୍ୱେ ନିଜର ଚାରିତ୍ରିକ ସଂଶୋଧନ ହେଉ ନାହିଁ ତେବେ ତହିଁରେ ଆମମାନଙ୍କର ହିଁ ଦୋଷ ଦୁର୍ବଳତା ରହିଛି । କାରଣ ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀକୁ ପୂର୍ଣ୍ଣାଙ୍ଗ ରୂପେ ପାଳନ କରିବାର ଆବଶ୍ୟକତା ରହିଛି । ସୁତରାଂ ଆମେମାନେ ଯଦି ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀର ପୂର୍ଣ୍ଣାଙ୍ଗ ଆଜ୍ଞାପାଳନ କରୁ ନାହୁଁ ତେବେ କିପିରି ଆମେ ଏହା ଆଶା କରିପାରିବୁ ଯେ, ଆମମାନଙ୍କର ସଂଶୋଧନ ହୋଇଯିବ ? ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରୁ ନାହୁଁ ତେବେ କିପରି ଆମମାନଙ୍କର ଚାରିତ୍ରିକ ସଂଶୋଧନ ହୋଇଯିବ ? ଅତଏବ ଆମମାନଙ୍କୁ ଏହି ଉଦ୍ୟମ କରିବା ଉଚିତ ଯେ, ଆମେମାନେ ନିଜକୁ ପୂର୍ଣ୍ଣ ଆଜ୍ଞାକାରୀ ବ୍ୟକ୍ତି ରୂପେ ପରିଣତ ହେବା ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat
Ahmadiya Kerang, Darul Barkat (Odisha)

ଆପଣ ଅ.ସ ପୁନଶ୍ଚ କୁହନ୍ତି: "ମୁଁ ଏହା ଅବଲୋକନ କରୁଛି ଓ ମୋର ଏହି ଅଭିଜ୍ଞତା ରହିଛି ଯେଉଁମାନେ ମୋ ପୂର୍ବରୁ ଇହଲୀଳା ସମ୍ବରଣ କରି ସାରିଛନ୍ତି ସେମାନେ ସମସ୍ତେ ଉକ୍ତ କଥାର ସାକ୍ଷ୍ୟ ଅଟନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ନିଜର ଆଧ୍ୟାତ୍ମିକ ବିଶେଷତା ଏବଂ ନିଜର ବ୍ୟକ୍ତିଗତ ଆଲୋକତା, ଅଲୌକିକତା ମାଧ୍ୟମରେ ନିଜର ପ୍ରକୃତ ଆଜ୍ଞାକାରୀ ତଥା ଅନୁକରଣକାରୀମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ଏବଂ ସେ ହିଁ ଆଜ୍ଞାକାରୀ ଓ ଅନୁକରଣକାରୀଙ୍କ ହୃଦୟକୁ ଆଲୋକିତ କରିଥାଏ । ପୁନଶ୍ଚ ଏତଦ୍‌ପରେ ବୃହତ୍ ନିଦର୍ଶନ ପ୍ରଦର୍ଶିତ କରାଇ ପ୍ରଭୁଙ୍କ ସହିତ ଏହିଭଳି ସଂପର୍କ ସୁଦୃଢ଼ କରିଥାଏ ଯେ, ତାହା ସେହି ଖଡ୍‌ଗ ଦ୍ୱାରା ମଧ୍ୟ ଭାଙ୍ଗି ପାରିବ ନାହିଁ ଯେଉଁ ଖଡ୍‌ଗ ବ୍ୟକ୍ତିକୁ ଖଣ୍ଡବିଖଣ୍ଡିତ କରିବାକୁ ଇଚ୍ଛା ପ୍ରକାଶ କରିଥାଏ । ସେହି ବ୍ୟକ୍ତି ହୃଦୟର ଚକ୍ଷୁକୁ ଉନ୍ମୁକ୍ତ କରିଥାଏ ଏବଂ ପାପର କଳୁଷିତ ନିର୍ଝରକୁ ରୁଦ୍ଧ ବା ବନ୍ଦ କରିଥାଏ ଏବଂ ପ୍ରଭୁଙ୍କର ସୁମିଷ୍ଟ ଐଶୀବାଣୀମୂଳକ କଥୋପକଥନ, ଉଦ୍‌ବୋଧନ ଦ୍ୱାରା ପୁରସ୍କୃତ କରି ଈଶ୍ୱର ସେହି ବ୍ୟକ୍ତିକୁ ଆଦୃଷ୍ଟ ଜ୍ଞାନ ପ୍ରଦାନ କରିଥାଆନ୍ତି ଏବଂ ଭକ୍ତର ପ୍ରାର୍ଥନାକୁ ସ୍ୱୀକାର କରି ନିଜର ବାଣୀ ମାଧ୍ୟମରେ ତାହାକୁ ଅବଗତ କରିଥାଆନ୍ତି ଏବଂ ପ୍ରତ୍ୟେକ ସେହି ବ୍ୟକ୍ତି ଯେକି ଈଶ୍ୱରଙ୍କ ବାର୍ତ୍ତାବହ ତଥା ଧର୍ମପରାୟଣ ବ୍ୟକ୍ତି ସହିତ ପ୍ରତିଯୋଗୀତା କରେ ଯେକି ପବିତ୍ର କୁରଆନ୍ କରୀମର ପ୍ରକୃତ ଅନୁଗାମୀ ଅଟନ୍ତି । ତେବେ ପ୍ରଭୁ ନିଜର ବୈଭବ୍ୟତା, ଅପୂର୍ବ ତଥା ଅଲୌକିକତାମୂଳକ ନିଦର୍ଶନ ସେହି ବ୍ୟକ୍ତି ନିମନ୍ତେ ପ୍ରଦର୍ଶନ କରି ଦିଅନ୍ତି । କାରଣ ପ୍ରଭୁ ସେହି ବ୍ୟକ୍ତି ସହିତ ଥାଆନ୍ତି ଯିଏ ତାହାଙ୍କ (ଐଶୀ)ବାଣୀର ଆଜ୍ଞା ପାଳନ କରିଥାଏ । ଅତଏବ୍ ପବିତ୍ର କୁରଆନ୍ କରୀମ୍‌ର ପ୍ରକୃତ ଆଜ୍ଞାକାରୀ ହେବା ସର୍ତ୍ତ ରହିଛି ।"**(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-305-309)**

ପବିତ୍ର କୁରଆନ୍ କରୀମ୍ ଶିର୍କ ଠାରୁ ଉଦ୍ଧାର ଏବଂ ମୋକ୍ଷ ପ୍ରାପ୍ତିର ଏକ ମାଧ୍ୟମ ଓ ମାର୍ଗ ଅଟେ । ସୁତରାଂ ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା ଯେଉଁ ଏକଶ୍ୱରବାଦର ବୀଜ ଆରବ ଦେଶ, ଇରାନ୍, ମିସର୍, ସିରିୟା, ଭାରତ, ଚୀନ୍, ଆଫଗାନିସ୍ତାନ୍, କାଶ୍ମୀର ଆଦି ସହରରେ ବପନ କରି ଦେଇଛନ୍ତି ଏବଂ ପ୍ରଭୁ ଅନେକ ଦେଶରୁ ଶିର୍କ ଓ ମାନବ ପୂଜାର ସେହି ବୀଜକୁ ଆମୂଳ ଉପାଡ଼ି ଦେଇଛନ୍ତି । ଏହା ଏହିଭଳି ଏକ କାର୍ଯ୍ୟ ଯାହାର ଦୃଷ୍ଟାନ୍ତ କୌଣସି ଯୁଗରେ ଦେଖିବାକୁ ମିଳେ ନାହିଁ । ଇସ୍‌ଲାମ୍ ଧର୍ମ ଯେବେ ଠାରୁ ଉପରୋକ୍ତ ଦେଶମାନଙ୍କରେ ଆରମ୍ଭ ହେଲା ସେବେଠାରୁ ସେହି ଦେଶ ମାନଙ୍କରେ ଶିର୍କର ପରିସମାପ୍ତି ଘଟିଛି । ଏହା ପଛରେ ଏହି ମୂଳ କାରଣ ନିହିତ ରହିଥିଲା ଯେ, ପବିତ୍ର କୁରଆନ୍ କରୀମ୍ ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ହିଁ ସେହି ଦେଶମାନଙ୍କରେ ଶିର୍କର ଅନ୍ତ ଘଟିଛି । ଏଣୁ ଆମମାନଙ୍କର ପୂର୍ବପୁରୁଷମାନେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ । କିନ୍ତୁ ଆମେମାନେ ଯଦି ସେହି ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ ନକରୁ ତେବେ ଆମେମାନେ ସେହି ନିରକ୍ଷରତା ଏବଂ ଅବୋଧତା, ମୂର୍ଖତା, ଅନ୍ଧକାର ଆଡ଼କୁ ପୁନଃ ଫେରି ଯାଉଛେ । **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-77)**

ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଏକ ସର୍ବୋତ୍କୃଷ୍ଟ ଶିକ୍ଷା ଅଟେ । ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, "ଯେଉଁ ପୁସ୍ତକ ପ୍ରାରମ୍ଭିକ ପର୍ଯ୍ୟାୟରେ ଅବତୀର୍ଣ୍ଣ ହୋଇଥିବ ତତ୍‌ସଂକ୍ରାନ୍ତରେ ବିବେକ ସଂପୂର୍ଣ୍ଣ ରୂପେ ଏହି ପ୍ରସ୍ତାବ ଦେଇଥାଏ ଯେ, ତାହା ପୂର୍ଣ୍ଣ ଧର୍ମଗ୍ରନ୍ଥ ହୋଇ ନଥିବ । ଅର୍ଥାତ ପୂର୍ବକାଳରେ ଅବତୀର୍ଣ୍ଣ ହୋଇଥିବା ପୁସ୍ତକଗୁଡ଼ିକୁ ପୂର୍ଣ୍ଣାଙ୍ଗ ଧର୍ମଗ୍ରନ୍ଥ ବୋଲି ବିବେକ ଆଦୌ ଗ୍ରହଣ କରୁ ନାହିଁ । ବରଂ ସେହି ଧର୍ମଗ୍ରନ୍ଥଗୁଡ଼ିକ କେବଳ ଗୁରୁ ତୁଲ୍ୟ ହୋଇଥିବ ଯେକି ଅଙ୍ଗନୱାଡ଼ିର (ଚାଟଶାଳୀ) ବିଦ୍ୟାର୍ଥୀମାନଙ୍କୁ ବର୍ଣ୍ଣମାଳାର ଶିକ୍ଷା ଦେଉଥିବେ । ଅର୍ଥାତ ଗୁରୁ ବିଦ୍ୟାର୍ଥୀମାନଙ୍କୁ ଅ, ଆ, ଇ ଶିକ୍ଷା ଦେଉଥିବେ । ତହିଁରୁ ଏହା ସ୍ପଷ୍ଟ ହୁଏ ଯେ, ପ୍ରାରମ୍ଭିକ ଶିକ୍ଷାରେ ଅଧିକ ଯୋଗ୍ୟତାର ଆବଶ୍ୟକତା ନଥାଏ । ଅର୍ଥାତ ପ୍ରାଥମିକ ଶ୍ରେଣୀର ଛାତ୍ରମାନଙ୍କୁ ଅ, ଆ, ଇ ଏବଂ ا ب ت ଓ ABC ଭଳି ମୌଳିକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ଶିକ୍ଷକୁ ଅଧିକ ଯୋଗ୍ୟ ଶିକ୍ଷା ହେବାର ଆବଶ୍ୟକତା ନାହିଁ। ହଁ ଯେଉଁ ଯୁଗରେ ମାନବିକ ଅନୁଭବର କ୍ରମଶଃ ଉନ୍ନତି ତଥା ବିକାଶ ଘଟିଲା ଏବଂ ମାନବ ଜାତି ଅନେକ ପ୍ରକାରର ଭ୍ରମର ଶିକାର ହେଲା ସେତେବେଳେ ସୂକ୍ଷ୍ମ ଶିକ୍ଷାର ଆବଶ୍ୟକତା ପଡ଼ିଲା । ବିଶେଷ କରି ଯେତେବେଳେ ସମଗ୍ର ଜଗତରେ ଅମା ଅନ୍ଧକାର ଘୋଟି ଆସିଲା, ମାନବିକ ଆତ୍ମା ଅନେକ ପ୍ରକାରର ଜ୍ଞାନ ଓ କର୍ମମୟ ମାର୍ଗଭ୍ରଷ୍ଟତାରେ ପିଡ଼ୀତ ହୋଇଗଲା ସେତେବେଳେ ଏକ ଉଚ୍ଚ ତଥା ସଂପୂର୍ଣ୍ଣ ଶିକ୍ଷାର ଆବଶ୍ୟକତା ପଡ଼ିଲା ଏବଂ ସେହି ଶିକ୍ଷାଟି ହେଉଛି ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା । କିନ୍ତୁ ପ୍ରାରମ୍ଭିକ ଯୁଗର ଧର୍ମଗ୍ରନ୍ଥ ନିମନ୍ତେ ସର୍ବୋଚ୍ଚ ସ୍ତରୀୟ ଶିକ୍ଷାର ଆବଶ୍ୟକତା ନଥିଲା । କାରଣ ସେତେବେଳେ ମନୁଷ୍ୟ ଆତ୍ମା ମଧ୍ୟରେ ଥିବା ସ୍ୱଭାବ ସରଳ ଥିଲା ଏବଂ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ମଧ୍ୟରେ କୌଣସି ଅନ୍ଧକାର ଏବଂ ମାର୍ଗଭ୍ରଷ୍ଟତା ପ୍ରବେଶ କରି ନଥିଲା । ହଁ ଉକ୍ତ ପୁସ୍ତକ ନିମନ୍ତେ ସର୍ବୋଚ୍ଚ ଶିକ୍ଷାର ଆବଶ୍ୟକତା ଥିଲା ଯାହାକି ଅତ୍ୟନ୍ତ ଅନ୍ଧକାର ସମୟରେ ପ୍ରକାଶିତ ହୋଇଥିଲା ଏବଂ ତାହା ସେହି ଲୋକମାନଙ୍କ ସଂଶୋଧନ ନିମନ୍ତେ ଅବତୀର୍ଣ୍ଣ ହେଲା ଯେଉଁମାନଙ୍କ ମନରେ କୁସଂସ୍କାର, କୁବିଚାର ଏବଂ କୁବିଶ୍ୱାସ ତଥା କୁପ୍ରଥା ଆଦି ପ୍ରବିଷ୍ଟ କରି ସାରିଥିଲା । ଲୋକମାନଙ୍କ ମନରୁ ବିକୃତ, ରୁଗ୍‌ଣ ତଥା ଅଶୁଦ୍ଧ ଆସ୍ଥା ନିଶ୍ଚିହ୍ନ ହୋଇଯାଇଥିଲା ଏବଂ ସେମାନଙ୍କର କର୍ମ ଅତ୍ୟନ୍ତ ନିନ୍ଦନୀୟ ଓ ଘୃଣ୍ୟ ଶ୍ରେଣୀୟ ଅନ୍ତର୍ଭୁକ୍ତ ହୋଇଯାଇଥିଲା । ଅତଃ ଏହିଭଳି ଘଡ଼ସନ୍ଧି ମୁହୂର୍ତ୍ତରେ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହେଲା ଯେତେବେଳେ ମନୁଷ୍ୟ ବୁଦ୍ଧି ପୂର୍ଣ୍ଣ ରୂପେ ବିକଶିତ ହୋଇ ସାରିଥିଲା, ମନୁଷ୍ୟ ସବୁକିଛି ବୁଝିବାକୁ ଲାଗି ଯାଇଥିଲା, ସେହି ସମୟରେ କୁସଂସ୍କାର, ପାପ ଶୀର୍ଷ ସ୍ତରକୁ ଛୁଇଁ ସାରିଥିଲା ଏବଂ ମନୁଷ୍ୟ ସେହି ପାପ ରୂପକ ପୋଖରୀରେ ବୁଡ଼ି ଯାଉଥିଲା । ଠିକ୍ ସେହି ସମୟରେ ମନୁଷ୍ୟର ବୁଦ୍ଧି ପୂର୍ଣ୍ଣ ରୂପେ ବିକଶିତ ହୋଇ ଯାଇଥିଲା । ସେହି ଶିକ୍ଷା ପବିତ୍ର କୁରଆନ୍‌ର ଶିକ୍ଷା । **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-70ର ବି.ଦ୍ର)**

ପବିତ୍ର କୁରଆନ୍ କରୀମ୍ ସମଗ୍ର ଜଗତବାସୀଙ୍କ ନିମନ୍ତେ ଅବତୀର୍ଣ୍ଣ ହୋଇଛି। ମନେରଖ ! ବାସ୍ତବ ପକ୍ଷେ ଏକଥା ସଠିକ୍ ଓ ସତ୍ୟ ଯେ, ପ୍ରାରମ୍ଭିକ କାଳରେ ମଧ୍ୟ ଏକ ଐଶୀବାଣୀ ସମ୍ବଳିତ ଗ୍ରନ୍ଥ ମନୁଷ୍ୟକୁ ପ୍ରାପ୍ତ ହୋଇଥିଲା । ଆପଣ ଅ.ସ କହିଲେ ଏଠାରେ ଯଦି କୌଣସି ବ୍ୟକ୍ତି ଏହି ପ୍ରଶ୍ନ କରନ୍ତି ଯେ, ପ୍ରାରମ୍ଭିକ କାଳରେ ମନୁଷ୍ୟକୁ କାହିଁକି କେବଳ ଗୋଟିଏ ଗ୍ରନ୍ଥ ପ୍ରଦନ କରାଗଲା ? ପ୍ରତ୍ୟେକ ଜାତିକୁ ଭିନ୍ନ ଭିନ୍ନ ପୁସ୍ତକ କାହିଁକି ପ୍ରଦାନ କରାଗଲା ନାହିଁ ? ଏହି ପ୍ରଶ୍ନର ଉତ୍ତର ଏହା ହେବ ଯେ, ପ୍ରାରମ୍ଭିକ କାଳରେ ମନୁଷ୍ୟର ଜନସଂଖ୍ୟା ଅତ୍ୟନ୍ତ ସ୍ୱଳ୍ପ ଥିଲା, ଘନତ୍ୱ କମ୍ ଥିଲା ଏବଂ ଏତେ କମ୍ ସଂଖ୍ୟକ ଲୋକେ ଥିଲେ ଯେ, ସେମାନଙ୍କୁ ଜାତି ମଧ୍ୟ କୁହାଯାଇ ପାରିବ ନାହିଁ । ଏଣୁ ସେହି ଲୋକମାନଙ୍କ ସକାଶେ କେବଳ ଗୋଟିଏ ଗ୍ରନ୍ଥ ହିଁ ଯଥେଷ୍ଟ ଥିଲା । ପୁନଶ୍ଚ ଏହାପରେ ଯେତେବେଳେ ମନୁଷ୍ୟ ପୃଥିବୀ ପୃଷ୍ଠରେ ଚତୁର୍ଦ୍ଦିଗରେ ବ୍ୟାପୀଗଲା ଏବଂ ଭୂପୃଷ୍ଠର ପ୍ରତ୍ୟେକ ଭାଗରେ ବାସ କରୁଥିବା ଲୋକମାନେ ଉକ୍ତ ଭୂଖଣ୍ଡର ବାସିନ୍ଦା ହୋଇ ଏକ ଜାତି ହୋଇଗଲେ ଏବଂ ଦୂରତା ଯୋଗୁଁ ଗୋଟିଏ ଜାତି ଅନ୍ୟ ଜାତିର ଅବସ୍ଥା ଠାରୁ ସଂପୂର୍ଣ୍ଣ ରୂପେ ଅବଗତ ହୋଇଗଲା ସେତେବେଳେ ସେହି କାଳରେ ଅଲ୍ଲାଃତାଲା ନିଜର ବ୍ରହ୍ମଜ୍ଞାନ ଓ ଉଚିତ୍ ପରାମର୍ଶ ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି କହିଲେ, ପ୍ରତ୍ୟେକ ଜାତି ପାଇଁ ପୃଥକ ପୃଥକ ଅବତାର ଏବଂ ପୃଥକ ପୃଥକ ଧର୍ମଗ୍ରନ୍ଥ ପ୍ରଦାନ କରାଯାଉ । ସୁତରାଂ ଏହିପରି ହିଁ ଘଟିଲା । ଯେତେବେଳେ ପୃଥିବୀରେ ମନୁଷ୍ୟମାନଙ୍କର ସଂଖ୍ୟା ବୃଦ୍ଧି ଘଟିବାକୁ ଲାଗିଲା ଏବଂ ଗମନାଗମନ ଓ ଦେଖା ସାକ୍ଷାତ୍ (ଯୋଗାଯୋଗ) ନିମନ୍ତେ ମାର୍ଗ ଉନ୍ମୁକ୍ତ ହୋଇଗଲା ତଥା ଗୋଟିଏ ଦେଶର ଲୋକମାନେ ଅନ୍ୟ ଦେଶର ଲୋକମାନଙ୍କ ସହିତ ଦେଖା ସାକ୍ଷାତ୍ କରିବାର ସମସ୍ତ ସାଧନ ଉପଲବ୍ଧ ହୋଇଗଲା ଏବଂ ଏହି କଥା ଜ୍ଞାତ ହୋଇଗଲା ଯେ, ଅମକ ଅମକ ଭୂପୃଷ୍ଠରେ ମନୁଷ୍ୟମାନଙ୍କର ଏକ ପ୍ରଜାତି ତଥା ଗୋଷ୍ଠୀ ବାସ କରନ୍ତି ତେବେ ସେ କ୍ଷେତ୍ରରେ ଅଲ୍ଲାଃତାଲା ଏହା ଚାହିଁଲେ ଯେ, ସେହି ମନୁଷ୍ୟମାନଙ୍କୁ ପୁନଃ ଏକ ଜାତିରେ ପରିଣତ କରିଦିଆଯାଉ । ମତାନ୍ତର ପରେ ସେମାନଙ୍କୁ ପୁନଃ ଏକ ସ୍ଥାନରେ ଏକତ୍ରିତ କରାଯାଉ । ଅତଃ ସେତେବେଳେ ପ୍ରଭୁ ସମସ୍ତ ଲୋକମାନଙ୍କ ସକାଶେ ଗୋଟିଏ ଧର୍ମଗ୍ରନ୍ଥ ଅବତୀର୍ଣ୍ଣ କଲେ ଏବଂ ଉକ୍ତ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଗ୍ରନ୍ଥରେ ଏହି ଆଦେଶାବଳୀର ଉଲ୍ଲେଖ କରି କହିଲେ, ଯେଉଁ ଯେଉଁ ରାଷ୍ଟ୍ରରେ ଉକ୍ତ ପବିତ୍ର ଧର୍ମଗ୍ରନ୍ଥ ପହଞ୍ଚିବ ସେହି ରାଷ୍ଟ୍ରର ତଥା ଦେଶବାସୀମାନଙ୍କର ଏହି କର୍ତ୍ତବ୍ୟ ହେବ ଯେ, ସେମାନେ ଉକ୍ତ ଧର୍ମଗ୍ରନ୍ଥକୁ ସାଦରରେ ଗ୍ରହଣ କରି ନିଅନ୍ତୁ ଏବଂ ଏହା ଉପରେ ବିଶ୍ୱାସ ଆଣନ୍ତୁ । ସୁତରାଂ ସେହି ଧର୍ମଗ୍ରନ୍ଥଟି ହେଉଛି ପବିତ୍ର କୁରଆନ୍ କରୀମ୍ । ଏହି ଧର୍ମଗ୍ରନ୍ଥଟି ସମସ୍ତ ରାଷ୍ଟ୍ରମାନଙ୍କ ମଧ୍ୟରେ ସଂପର୍କ ସ୍ଥାପନ କରିବା ନିମନ୍ତେ ଅବତୀର୍ଣ୍ଣ ହୋଇଅଛି । କରୁଆନ୍ ଠାରୁ ପୂର୍ବ ଧର୍ମଗ୍ରନ୍ଥ ସୀମିତ ତଥା ବିଶିଷ୍ଟ ଜାତି ନିମନ୍ତେ ଉଦ୍ଦିଷ୍ଟ ଥିଲା । ଅର୍ଥାତ ପୂର୍ବ ଧର୍ମଗ୍ରନ୍ଥଗୁଡ଼ିକ କେବଳ ଗୋଟିଏ ଜାତି ଏବଂ ଗୋଟିଏ ସଂପ୍ରଦାୟ ନିମନ୍ତେ ଅବତୀର୍ଣ୍ଣ ହୋଇଥିଲା। ସୁତରାଂ ସିରୀୟା, ପାରସ୍ୟ, ଭାରତୀୟ, ଚୀନୀୟ, ମିସରୀୟ, ରୋମୀୟ ଆଦି ସମସ୍ତ ଜାତିମାନଙ୍କ ସକାଶେ ଯେଉଁ ଗ୍ରନ୍ଥ ଅବତୀର୍ଣ୍ଣ ହେଲା ଅବା ସେହି ଦେଶମାନଙ୍କରେ ଯେଉଁ ଅବତାରମାନଙ୍କର ଆଗମନ ଘଟିଥିଲା ବା ଆବିର୍ଭୂତ ହୋଇଥିଲେ ତାହା କେବଳ ନିଜ ଜାତି ପର୍ଯ୍ୟନ୍ତ ହିଁ ସୀମିତ ରହିଥିଲା । ଅନ୍ୟ ଜାତି ସହିତ ସେହି ଧର୍ମଗ୍ରନ୍ଥ ଓ ଅବତାରମାନଙ୍କର କୌଣସି ସଂପର୍କ ନଥିଲା। କିନ୍ତୁ ସମସ୍ତ ପ୍ରତିକ୍ଷା ଏବଂ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ସମସ୍ତ ଗ୍ରନ୍ଥ ପରେ ପବିତ୍ର କୁରଆନ୍ କରୀମ୍ ଏବଂ ସମସ୍ତ ଅବତାରମାନଙ୍କ ପରେ ଓ ମହାମହିମ ହ. ମୁହମ୍ମଦ ସ.ଅ ବଦିବ୍ୟାବତାର ରୂପେ ଆବିର୍ଭୂତ ଓ ଉଭା ହେଲେ । ଅତଏବ ଠିକ୍ ସେହିପରି ପବିତ୍ର କୁରଆନ୍ କରୀମ୍ ଏଭଳି ଏକ ସଂପ୍ରଦାୟ ନିମନ୍ତେ ଅବତୀର୍ଣ୍ଣ ହେଲା ଯେକି ଧୀରେ ଧୀରେ ଏକ ଜାତିର ରୂପ ଧାରଣ କରିବାକୁ ଇଚ୍ଛା ପ୍ରକାଶ କରୁଥିଲା । ସୁତରାଂ ଯୁଗ ନିମନ୍ତେ ଏହିଭଳି ସାଧନ ଉପଲବ୍ଧ ହୋଇଗଲା ଯାହାକି ବିଭିନ୍ନ ଜାତିମାନଙ୍କୁ ଏକତ୍ରିତ କରାଇ ସେମାନଙ୍କୁ ରାଷ୍ଟ୍ରୀୟ ଏକତାର ରୂପ ପ୍ରଦାନ କରିଥାଏ । ଗୋଟିଏ ଜାତି ଏବଂ ଗୋଟିଏ ରାଷ୍ଟ୍ର ହେବା ନିମନ୍ତେ ଯେଉଁ ପ୍ରକୃତ ଅଭିପ୍ରାୟ ରହିଥିଲା ତାହା ଏଭଳି ସରଳୀକୃତ ହୋଇଗଲା ଯେଭଳି ଦୀର୍ଘ ବର୍ଷର ଦୂରତା ଖୁବ୍ କମ୍ ଦିନରେ ହିଁ ଅତିକ୍ରାନ୍ତ ହେବା ସମ୍ଭବପର ହୋଇଗଲା ଏବଂ ଯୋଗଯୋଗ, ସନ୍ଦେଶ ପହଞ୍ଚାଇବା ନିମନ୍ତେ ସେହି ସମସ୍ତ ମାର୍ଗ ଓ ସାଧାନ ସୃଷ୍ଟି ହୋଇଗଲା ଯେଉଁ ସନ୍ଦେଶ ଦୀର୍ଘ ଏକ ବର୍ଷ ମଧ୍ୟରେ ଦୂରବର୍ତ୍ତୀ ଦେଶରୁ ମଧ୍ୟ ପ୍ରାପ୍ତ ଓ ହସ୍ତଗତ ହେବା ସମ୍ଭବପର ନଥିଲା । ଅତଏବ ସେହି ସନ୍ଦେଶ ବର୍ତ୍ତମାନ ମୁହୂର୍ତ୍ତକେ ପ୍ରାପ୍ତ ଓ ହସ୍ତଗତ ହୋଇପାରୁଛି । ପୃଥିବୀ ପୃଷ୍ଠରେ ଏଭଳି ଏକ ଯୁଗାନ୍ତକାରୀ ମହା ବିପ୍ଳବ ସୃଷ୍ଟି ହେଉଅଛି, ସଭ୍ୟତାର ଧାର ବା ସ୍ରୋତ ଏଭଳି ମୋଡ଼ ପରିବର୍ତ୍ତନ କଲା ଯେ, ତହିଁରୁ ଏହା ପ୍ରତିତ ହୁଏ ଯେ, ବର୍ତ୍ତମାନ ଅଲ୍ଲାଃତାଲାଙ୍କର ଏହି ଆକାଂକ୍ଷା ଓ ଅଭିଳାଷା ରହିଛି ଯେ, ସମସ୍ତ ଜାତିମାନେ ଯେଉଁମାନେ ସମଗ୍ର ପୃଥିବୀରେ ପରିବ୍ୟାପ୍ତ ଅଟନ୍ତି ସେମାନଙ୍କୁ ଗୋଟିଏ ଜାତିରେ ପରିଣତ କିରିଦଆଯାଉ ଏବଂ ଅନେକ ବର୍ଷର ବିରହର ବ୍ୟଥା ଭୋଗୁଥିବା ବ୍ୟକ୍ତିମାନଙ୍କୁ ପରସ୍ପର ସହିତ ମିଶାଇ ଦିଆଯାଉ ଏବଂ ଏହି ସୂଚନା ପବିତ୍ର କୁରଆନ୍ କରୀମ୍‌ରେ ଉଲ୍ଲିଖିତ ରହିଛି । ପବିତ୍ର କୁରଆନ୍ କରୀମ୍ ହିଁ ସ୍ପଷ୍ଟ ରୂପେ ଏହି ଦାବି ଉପସ୍ଥାପିତ କରେ ଯେ, ଏହି ଗ୍ରନ୍ଥ ସମସ୍ତ ଜାତି ନିମନ୍ତେ ଅବତୀର୍ଣ୍ଣ ହୋଇଅଛି । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କହୁନ୍ତି, يٰۤاَيُّهَا النَّاسُ اِنِّيْ رَسُوْلُ اللّٰهِ اِلَيْكُمْ جَمِيْعًا ଅର୍ଥାତ ହେ ମୁହମ୍ମଦ ସ.ଅ ! ତୁମ୍ଭେ ସମସ୍ତ ମାନବଜାତିଙ୍କୁ କହିଦିଅ ଯେ, ତୁମ୍ଭେ ସମସ୍ତ ମାନବଜାତିଙ୍କ ସକାଶେ ଅବତୀର୍ଣ୍ଣ ଓ ଆବିର୍ଭୂତ ହୋଇଅଛ । ପୁନଶ୍ଚ ଅଲ୍ଲାଃତାଲା କୁହନ୍ତି, وَمَاۤ اَرْسَلْنٰكَ اِلَّا رَحْمَةً لِّلْعٰلَمِيْنَ ଅର୍ଥାତ ହେ ମୁହମ୍ମଦ୍ ସ.ଅ ! ଆମ୍ଭେ ତୁମ୍ଭକୁ ସମଗ୍ର ଜଗତବାସୀଙ୍କ ନିମନ୍ତେ ଦୟଶୀଳ କରି ପ୍ରେରଣ କରିଅଛୁ । ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି, لِيَكُوْنَ لِلْعٰلَمِيْنَ نَذِيْرًا ଅର୍ଥାତ ହେ ମୁହମ୍ମଦ ! ସ.ଅ ଆମ୍ଭେ ତୁମ୍ଭକୁ ସମଗ୍ର ଜଗତବାସୀଙ୍କୁ ଭୟ ପ୍ରଦର୍ଶନ କରାଇବା ନିମନ୍ତେ ପ୍ରେରଣ କରିଅଛୁ । କିନ୍ତୁ ମୁଁ ଦୃଢତାର ସହିତ କହୁଛି ଯେ, ପବିତ୍ର କୁରଆନ୍ କରୀମ୍ ପୂର୍ବରୁ ପ୍ରଥମେ ଏହି ଦାବି ଅନ୍ୟ କୌଣସି ଧର୍ମଗ୍ରନ୍ଥ ଉପସ୍ଥାପିତ କରି ନାହିଁ । ବରଂ ପ୍ରତ୍ୟେକ ଅବତାର ନିଜର ଅବତାରତ୍ୱକୁ ନିଜ ଜାତି ପର୍ଯ୍ୟନ୍ତ ହିଁ ସୀମିତ ରଖିଛନ୍ତି । ଏପର୍ଯ୍ୟନ୍ତକି ଯେଉଁ ନବୀଙ୍କୁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଈଶ୍ୱର ବୋଲି ବିବେଚିତ କଲେ ତାହାଙ୍କ ତୁଣ୍ଡରୁ ଏହି କଥା ବାହାରିଲା ଏବଂ ହ. ଇସା ଅ.ସ ବାଇବେଲ୍ ଗ୍ରନ୍ଥରେ ଏହା ହିଁ କହିଥିଲେ ଯେ, ମୁଁ ଇସ୍ରାଇଲୀୟ ଲୋକମାନଙ୍କ ବ୍ୟତୀତ ଅନ୍ୟ କୌଣସି ଜାତି ଆଡ଼କୁ ପ୍ରେରିତ ହୋଇ ନାହିଁ । ଏହି ଯୁଗର ପରସ୍ଥିତି ମଧ୍ୟ ସାକ୍ଷ୍ୟ ପ୍ରଦାନ କଲା ଯେ, ପବିତ୍ର କୁରଆନ୍ ଶରୀଫ୍‌ର ଏହି ଦାବିଟି ତବ୍‌ଲିଗ୍ (ପ୍ରଚାର)ର ସଠିକ୍ ସମୟାନୁକୂଳ ଅଟେ । କାରଣ ଆଁହଜରତ ସ.ଅଙ୍କ ପ୍ରାଦୁର୍ଭାବ କାଳରେ ତବ୍‌ଲିଗ୍‌ର ସାଧାରଣ ମାର୍ଗ ଉନ୍ମୁକ୍ତ ହୋଇଯାଇଥିଲା । **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-74-77)**

ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହେବାର ୪ଟି କାରଣ ଦର୍ଶାଇଛନ୍ତି । ସେହି କାରଣଗୁଡ଼ିକ କ'ଣ କ'ଣ ? **ପ୍ରଥମ କାରଣ- ଇଲ୍ଲତେ ଫାଏଲି** ଅର୍ଥାତ ଏହାର ସୃଷ୍ଟିକର୍ତ୍ତା କିଏ ଓ ଏହାର କାରଣଗୁଡ଼ିକ କ'ଣ ? **ଦ୍ୱିତୀୟ କାରଣ- ଇଲ୍ଲତେ ସୁରୀ** ଅର୍ଥାତ ଏହାର ପ୍ରକାଶ୍ୟଗତ କାରଣ ଓ ବ୍ୟବହାରିକ ଦିଗ ଓ କାରଣଗୁଡ଼ିକ କ'ଣ ? **ତୃତୀୟ କାରଣ- ଇଲ୍ଲତେ ମାଦ୍ଦି** ଅର୍ଥାତ ଏହାର ବସ୍ତୁବାଦୀ ଉପକାରିତା କ'ଣ ? **ଚତୁର୍ଥ କାରଣ- ଇଲ୍ଲତେ ଗାଇ ବା ଇଲ୍ଲତେ ତାମ୍ମା** ଅର୍ଥାତ ଆଭିପ୍ରାୟିକ କାରଣ ବା ମୂଳ ଲକ୍ଷ ଭିତ୍ତିକ କାରଣ। ଇଲ୍ଲତେ ଫାଏଲି ସଂକ୍ରାନ୍ତରେ ଅଲ୍ଲାଃତାଲା କୁହନ୍ତି, الٓمّٓ - اَنَا اللّٰهُ اَعْلَمُ ଅର୍ଥାତ ମୁଁ ଈଶ୍ୱର (ସର୍ବାଧିକ) ଅନ୍ତର୍ଯାମୀ ଓ ବିଜ୍ଞ ଅଟେ । ଇଲ୍ଲତେ ମାଦ୍ଦି ذٰلِكَ الْكِتٰبُ ଅର୍ଥାତ ଏହି ଗ୍ରନ୍ଥଟି ପ୍ରଭୁଙ୍କ ପକ୍ଷରୁ ହିଁ ଅବତୀର୍ଣ୍ଣ ଓ ଆନୀତ, ଯେକି ସର୍ବାଧିକ ବିଜ୍ଞ ଏବଂ ଅନ୍ତର୍ଯାମୀ ଅଟନ୍ତି । ଏହା ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ଆମେମାନେ ପ୍ରକୃତ ରୂପେ ଲାଭବାନ୍ ହୋଇପାରିବା । ଇଲ୍ଲତେ ସୁରୀ لَا رَيْبَ فِيْهِ ଅର୍ଥାତ ଉକ୍ତ ଗ୍ରନ୍ଥର ବିଶେଷତା ଏବଂ ପୂର୍ଣ୍ଣତ୍ୱତା ଏହିକିଯେ, ତହିଁରେ ସନ୍ଦେହର କୌଣସି ଅବକାଶ ନାହିଁ । ଉକ୍ତ ପବିତ୍ର ପୁସ୍ତକରେ ଯେଉଁ କଥା ଉଲ୍ଲେଖ ରହିଛି ତାହା ନିରାଟ ସତ୍ୟ ଏବଂ ଯେଉଁ ଦାବି ରହିଛି ତାହା ପ୍ରମାଣଭିତ୍ତିକ ଏବଂ ଜାଜୁଲ୍ୟମାନ । ଉକ୍ତ ପୁସ୍ତକର ଚତୁର୍ଥ ଇଲ୍ଲତେ ଗାଇ ହେଲା هُدًى لِّلْمُتَّقِيْنَ ଅର୍ଥାତ ଉକ୍ତ ଗ୍ରନ୍ଥର ଅଭିପ୍ରାୟ ଏହିକିଯେ, ଉକ୍ତ ଗ୍ରନ୍ଥଟି ଧର୍ମପରାୟଣ ବ୍ୟକ୍ତିଙ୍କ ନିମନ୍ତେ ମାର୍ଗଦର୍ଶକ ଅଟେ । ଏହା ହିଁ ଏକ ପ୍ରକୃତ ଗ୍ରନ୍ଥର ଏବଂ ଧାର୍ମିକ ଗ୍ରନ୍ଥର ଅଭିପ୍ରାୟ ହେବା ଉଚିତ୍ । **(ମଲ୍‌ଫୁଜାତ୍, ଭାଗ-୫, ପୃ-306-30, ପ୍ରକାଶନ ବର୍ଷ 1984 ମସିହା)**

ହ. ମସିହ୍ ମଉଦ୍ ଅ.ସ ସୁରାଃ ବକ୍‌ରାହ୍‌ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଆୟତ୍‌ର ଅନୁବାଦ କରି କହିଲେ, ଧର୍ମପରାୟଣତା ଏଭଳି ଏକ ଉନ୍ନତ ମାନର ଆବଶ୍ୟକୀୟ ବସ୍ତୁ ଯେ, ପବିତ୍ର କୁରଆନ୍ କରୀମ ଏହାକୁ ହିଁ ପରମ ଉଦ୍ଦେଶ୍ୟ ଭାବରେ ଅଭିହିତ କରିଛି । ସୁତରାଂ ଅଲ୍ଲାଃତାଲା ଯେତେବେଳେ ଦ୍ୱିତୀୟ ସୁରାଃକୁ ଅର୍ଥାତ ସୁରାଃ ଅଲ୍‌ବକ୍ରାହ୍‌କୁ ପ୍ରାରମ୍ଭ କଲେ ସେତେବେଳେ ଏହା ହିଁ କହିଲେ, الٓمّٓ ذٰلِكَ الْكِتٰبُ لَا رَيْبَ فِيْهِ هُدًى لِّلْمُتَّقِيْنَ ମୋର ଏହି ଧର୍ମମତ ରହିଛି ଯେ, ପବିତ୍ର କୁରଆନ୍ କରୀମ୍‌ର ଏହି କ୍ରମିକତା ଅତ୍ୟନ୍ତ ମୂଲ୍ୟବାନ ତଥା ମହତ୍ୱ ରଖିଥାଏ । ଅଲ୍ଲାଃତାଲା ଉକ୍ତ ସୁରାଃରେ ଚାରୋଟି କାରଣ ସଂକ୍ରାନ୍ତରେ ଦର୍ଶାଇଛନ୍ତି । ଅର୍ଥାତ ଚାରୋଟି ସାଧନ ଏବଂ ଚାରୋଟି କାରଣ ଯଥା- **ଇଲ୍ଲତେ ଫାଏଲି**, । **ଇଲ୍ଲତେ ମାଦ୍ଦି, ଇଲ୍ଲତେ ସୁରୀ, ଇଲ୍ଲତେ ଗାଇ** । ପ୍ରତ୍ୟେକ ବସ୍ତୁ ସହିତ ଉକ୍ତ ଚାରୋଟି କାରଣ ସଂଶ୍ଳୀଷ୍ଟ ରିହଛି । ପବିତ୍ର କୁରଆନ୍ କରୀମ୍ ଉପରୋକ୍ତ କାରଣ ତଥା ଅଭିପ୍ରାୟକୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ପୂର୍ଣ୍ଣ ରୂପେ ପ୍ରଦର୍ଶିତ କରିଛି । الٓمّٓ ରେ ଏହି ଇଙ୍ଗିତ ରହିଛି ଯେ, ଅଲ୍ଲାଃତାଲା ଯେକି ସର୍ବଜ୍ଞ ଓ ଅନ୍ତର୍ଯାମୀ ଅଟନ୍ତି ସେ ଏହି ବାଣୀକୁ ଆଁହଜରତ ସ.ଅଙ୍କ ଉପରେ ଅବତୀର୍ଣ୍ଣ କରିଛନ୍ତି । ଅର୍ଥାତ ପ୍ରଭୁ ହେଉଛନ୍ତି କର୍ମ । ذٰلِكَ الْكِتٰبُ لَا رَيْبَ فِيْهِ ଏହା ସୂଚାଏ ଯେ, ଏହା ଇଲ୍ଲତେ ମାଦ୍ଦି ଅଟେ । ଅର୍ଥାତ ମାଦ୍ଦି ଅବସ୍ଥାରେ ଆମମାନଙ୍କ ନିକଟରେ ଯେଉଁ ପବିତ୍ର ଗ୍ରନ୍ଥ ରିହଛି ତାହା ମଧ୍ୟ ଏକ ପୁସ୍ତକ ଅଟେ ଏବଂ ଯେଉଁ ପୁସ୍ତକ ଉପରେ ମନୁଷ୍ୟ କାର୍ଯ୍ୟାନୁସରଣ କରି ଓ ଏହା ଉପରେ ପରିଚାଳିତ ହୋଇ ନିଜର ଲକ୍ଷ୍ୟକୁ ପ୍ରାପ୍ତ କରିପାରିବ । ଇଲ୍ଲତେ ସୁରୀରେ لَا رَيْبَ فِيْهِ ପ୍ରତ୍ୟେକ ବସ୍ତୁରେ ସନ୍ଦେହ ଏବଂ ଆଶଙ୍କା ତଥା କୁଚିନ୍ତାଧାରା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । କିନ୍ତୁ କୁରଆନ୍ ଏଭଳି ଏକ ଗ୍ରନ୍ଥ ଯେ, ତହିଁରେ କୌଣସି ସନ୍ଦେହର କୌଣସି ଅବକାଶ ନାହିଁ । ଅତଏବ୍ ଅଲ୍ଲାଃତାଲା ଉକ୍ତ ପୁସ୍ତକର ସନ୍ଦେହହୀନ ହେବାର ଯେଉଁ ମହାନତା ଦର୍ଶାଇଛନ୍ତି ତେବେ ସହସା ପ୍ରତ୍ୟେକ ଉତ୍ତମ ସ୍ୱଭାବର ଓ ପୁଣ୍ୟବାନ ବ୍ୟକ୍ତିର ଆତ୍ମା ଆନ୍ଦୋଳିତ ଏବଂ ନାଚି ଓ ଝୁମି ଉଠିବ ତଥା ଏହା ଚାହିଁବ ଯେ, ସେ ଉକ୍ତ ପବିତ୍ର ଗ୍ରନ୍ଥର ମାର୍ଗଦର୍ଶନାବଳୀ ଉପରେ କାର୍ଯ୍ୟାନୁସରଣ କରୁ । ମୁଁ ବଡ଼ ଦୁଃଖର ସହିତ କହୁଛି ଯେ, ପବିତ୍ର କୁରଆନ୍‌ର ସ୍ୱଚ୍ଛ ତଥା ନିର୍ମଳମୂଳକ ଭବ୍ୟତାକୁ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଉ ନାହିଁ । ଅନ୍ୟଥା ପବିତ୍ର କୁରଆନ୍‌ର ସୁଗୁଣାବଳୀ ଓ ତାହାର ଚମତ୍କାରିତାର ସୌନ୍ଦର୍ଯ୍ୟ ଏବଂ ମାଧୁର୍ଯ୍ୟତା ନିଜ ମଧ୍ୟରେ ଏଭଳି ଏକ ଆକର୍ଷଣ ଏବଂ ସଂଶ୍ଳେଷଣ ପ୍ରଦର୍ଶନ କରେ ଯେ, ତାହା ସହସା ହୃଦୟ ଆଡ଼କୁ ଚାଲି ଆସୁ । ଉଦାହରଣ ସ୍ୱରୂପ ଏକ ସୁନ୍ଦର ଉଦ୍ୟାନର ପ୍ରଶଂସା କରାଯାଉ ଓ ତା'ର ସୁଗନ୍ଧ, ବୃକ୍ଷଲତା, ପୁଷ୍ପଲତାଦି ହୃଦୟକୁ ସତେଜିତ କରି ଉଦ୍ୟାନରେ ପ୍ରବାହିତ ହୋଇଯାଉଥିବା ସ୍ରୋତସ୍ୱତୀ ସ୍ୱଚ୍ଛ ନଦୀର ଜଳଧାର ପରି ପ୍ରବାହିତ ହୋଇଯାଇଥାଏ ଏବଂ ଯଦି ଶାଖାନଦୀର ଚର୍ଚ୍ଚା କରାଯାଏ ତେବେ ପ୍ରତ୍ୟେକ ବ୍ୟକ୍ତି ହୃଦୟର ଏହା ଚାହିଁବ ଯେ, ସେ ସହି ଉଦ୍ୟାନର ଭ୍ରମଣ କରୁ ଏବଂ ତହିଁରୁ ଉପକୃତ ହେଉ । ସେହିପରି ଯଦି ଉକ୍ତ ବ୍ୟକ୍ତିକୁ ଏହା କୁହାଯାଏ ଯେ, ଉକ୍ତ ଉଦ୍ୟାନରେ ଏଭଳି କେତେକ ଝରଣାମାନ ପ୍ରବାହିତ ହେଉଅଛି ଯାହା ଅତି ପୁରୁଣା ଓ ମାରାତ୍ମକ ରୋଗକୁ ଆରୋଗ୍ୟ ଲାଭ କରିଦେଇପାରେ ତେବେ ଉକ୍ତ ଉଦ୍ୟାନକୁ ଆହୁରି ଆନନ୍ଦ ତଥା ଉତ୍ସାହର ସହକାରେ ଲୋକମାନେ ଭ୍ରମଣ କରିବାକୁ ଯିବେ ବା ଭ୍ରମଣ କରିବାକୁ ଆସିବେ । ଠିକ୍ ସେହିପରି ପବିତ୍ର କୁରଆନ୍ କରୀମ୍‌ର ବିଶେଷତା ଓ ତାହାର ଚମତ୍କାରିତାକୁ ଯଦି ଅତ୍ୟନ୍ତ ସୁନ୍ଦର ଏବଂ ପ୍ରଭାବଶାଳୀ ତଥା ମର୍ମସ୍ପର୍ଶୀ ଶବ୍ଦରେ

ବର୍ଣ୍ଣନା କରାଯାଏ ତେବେ ଆତ୍ମା ସଂପୂର୍ଣ୍ଣ ଉତ୍ସାହର ସହିତ ତା' ଆଡ଼କୁ ଧାଇଁଯିବ। ବାସ୍ତବରେ ଆତ୍ମାର ସନ୍ତୁଷ୍ଟି ଏବଂ ପରିପୂର୍ଣ୍ଣର ସମସ୍ତ ସାଧନ ତଥା ସେହି ସମସ୍ତ ପ୍ରସଙ୍ଗ ଯହିଁରୁ ଆତ୍ମାର ପ୍ରକୃତ ଆବଶ୍ୟକତା ପୂରଣ ହୋଇଥାଏ ତାହା ପବିତ୍ର କୁରଆନ୍ କରୀମ ହିଁ ଅଟେ । ଏଣୁ ଅଲ୍ଲାଃତାଲା ସୁରାଃ ଅଲ୍‌ବକ୍ରାଃରେ କହିଛନ୍ତି هُدًى لِّلْمُتَّقِيْنَ ଏହି ପବିତ୍ର ଧର୍ମଗ୍ରନ୍ଥଟି ସକଳ ଜଗତବାସୀଙ୍କ ନିମନ୍ତେ ଏକ ମାର୍ଗଦର୍ଶକ ଅଟେ । ପୁନଶ୍ଚ ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲା ଅନ୍ୟ ଏକ ସ୍ଥଳରେ କୁହନ୍ତି, لَا يَمَسُّهٗ إِلَّا الْمُطَهَّرُوْنَ ଅର୍ଥାତ ପବିତ୍ର କୁରଆନ୍‌ର ନିଗୂଢ ତତ୍ତ୍ୱ ତଥା ରହସ୍ୟକୁ ସେହି ବ୍ୟକ୍ତି ହିଁ ସ୍ପର୍ଶ କରିପାରିବ ଅର୍ଥାତ ହୃଦୟଙ୍ଗମ କରିପାରିବ ଯିଏ ପବିତ୍ର ହୃଦୟ ବ୍ୟକ୍ତି ହୋଇଥିବ। ଅତଏବ ପବିତ୍ର କୁରଆନ୍‌ର ନିଗୂଢ ତତ୍ତ୍ୱକୁ ପବିତ୍ର ହୃଦୟ ଥିବା ବ୍ୟକ୍ତି ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ହୃଦୟଙ୍ଗମ କରିପାରିବ ନାହିଁ । ତହିଁରୁ ଧର୍ମପରାୟଣ ବ୍ୟକ୍ତି ହିଁ ଯଥାର୍ଥ ଅଟନ୍ତି । ଯେଉଁମାନଙ୍କ ନିମନ୍ତେ ଉକ୍ତ ପବିତ୍ର ଗ୍ରନ୍ଥଟି هُدًى لِّلْمُتَّقِيْنَ ବିବେଚିତ କରାଯାଇଛି । ତହିଁରୁ ସ୍ପଷ୍ଟ ରୂପେ ଏହା ପ୍ରତିତ ହୁଏ ଯେ, ପବିତ୍ର କୁରଆନ୍‌ର ଜ୍ଞାନଭିତ୍ତିକ ଶିକ୍ଷାକୁ ପ୍ରାପ୍ତ କରିବାକୁ ହେଲେ ଧର୍ମପରାୟଣତା ସର୍ତ୍ତ ରହିଛି । **(ମଲ୍‌ଫୁଜାତ୍, ଭାଗ-1, ପୃ-424-425, ପ୍ରକାଶନ ବର୍ଷ 1984 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ପ୍ରବନ୍ଧାବଳୀଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ସମ୍ବଳିତ ପ୍ରବନ୍ଧ ଅଟେ । ଆପଣମାନେ ଏହାକୁ ଧ୍ୟାନପୂର୍ବକ ଶୁଣନ୍ତୁ ଏବଂ ଏହା ଉପରେ କାର୍ଯ୍ୟାନୁସରଣ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଅତଏବ୍ ଆମମାନଙ୍କୁ ପବିତ୍ର କୁରଆନ୍‌କୁ ଅତ୍ୟନ୍ତ ଧ୍ୟାନପୂର୍ବକ ପାଠ କରିବା ଉଚିତ୍ ।

ଖୁତ୍‌ବାର ଶେଷରେ ହୁଜୁର ଅନ୍‌ୱର୍ ଅ.ବ ବାଂଲାଦେଶ, ପାକିସ୍ତାନ, ବୁର୍କିନାଫାସୋ, ଉପଦ୍ୱୀପର ଅହେମଦିମାନଙ୍କ ପାଇଁ ଦୁଆ କରିବାକୁ ଆହ୍ୱାନ ଜଣାଇଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବାଂଲାଦେଶ ଠାରେ ଆମର ଜଲ୍‌ସା ସାଲାନା ଅନୁଷ୍ଠିତ ହେଉଥିଲା । ଆଜି ପ୍ରଥମ ଦିନ(ର ଅଧିବେଶନ) ଥିଲା। କିନ୍ତୁ ସେଠାରେ ବିରୋଧୀମାନେ ଜଲ୍‌ସା ସ୍ଥଳୀରେ ହିଁ ଆକ୍ରମଣ କରିଦେଲେ। ଅନେକ ଲୋକ ଜଲ୍‌ସା ସ୍ଥଳୀରେ ଆହତ ମଧ୍ୟ ହୋଇଛନ୍ତି । ପ୍ରାପ୍ତ ସୂଚନାନୁଯାୟୀ ସେମାନେ ଏଭଳି ଆକ୍ରମଣ କଲେ ଯେ, ସେହି ଆକ୍ରମଣରେ ଅନେକ ଅହେମଦି ଗମ୍ଭୀର ରୂପେ ଆହତ ହୋଇଛନ୍ତି । ପୁନଶ୍ଚ ଉକ୍ତ ଅଞ୍ଚଳର ଅହେମଦିମାନଙ୍କ ଘରକୁ ନିଆଁ (ଅଗ୍ନି ସଂଯୋଗ) ମଧ୍ୟ ଲଗାଇ ଦିଆଯାଇଛି । ବର୍ତ୍ତମାନ କ୍ଷୟକ୍ଷତିର ସଂପୂର୍ଣ୍ଣ ଆକଳନ ହୋଇପାରି ନାହିଁ ଯେ, କେତେ କ୍ଷୟକ୍ଷତି ହୋଇଛି ? ଅଲ୍ଲାଃତାଲା ଅହେମଦିମାନଙ୍କୁ ବିରୋଧୀମାନଙ୍କ ଉପଦ୍ରବ ଏବଂ ଅନିଷ୍ଟତା ଠାରୁ ସୁରକ୍ଷିତ ରଖନ୍ତୁ ଏବଂ ସେମାନଙ୍କୁ ଯଥାଶୀଘ୍ର ଦଣ୍ଡିତ ମଧ୍ୟ କରନ୍ତୁ । ସେମାନଙ୍କ ନିମନ୍ତେ କୌଣସି ମାର୍ଗଦର୍ଶନ ପ୍ରାପ୍ତ ହେବାର ଦୁଆ ତ' କରାଯାଇପାରିବ ନାହିଁ କିନ୍ତୁ କେବଳ ଏତିକି ହିଁ କୁହାଯାଇପାରିବ ଯେ, اَللّٰهُمَّ مَزِّقْهُمْ كُلَّ مُمَزَّقٍ وَسَحِّقْهُمْ تَسْحِيْقًا ଅର୍ଥାତ ହେ ପ୍ରଭୁ ପ୍ରତ୍ୟେକ କଠୋର ହୃଦୟୀ ବିରୋଧୀକୁ ଭଲ ଭାବରେ ବିଦୀର୍ଣ୍ଣ କରିଦିଅ ଅର୍ଥାତ ସଂହାର କରିଦିଅ ।

ସେହିପରି ପାକିସ୍ତାନର ପରିସ୍ଥିତି ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ସେଠାରେ ମଧ୍ୟ ଅହେମଦିମାନଙ୍କୁ କୁଶଳ ରଖନ୍ତୁ । ବୁର୍କିନାଫାସୋରେ ବର୍ତ୍ତମାନ ପରିସ୍ଥିତି ଅତ୍ୟନ୍ତ ସାଂଘାତିକ ରହିଛି ଏବଂ ବିପତ୍ତିର ବାଦଲ୍ ଆଛନ୍ନ ହୋଇ ରହିଛି । ସେଠାକାର ଅହେମଦିମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । ସେହିପରି ଉପଦ୍ୱୀପରେ ମଧ୍ୟ କେତେକ ଅହେମଦିମାନଙ୍କ ଉପରେ ମିଥ୍ୟା ମକଦ୍ଦମା ଦାଏର୍ କରାଯାଇଛି । ସେମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ସ୍ଥାନରେ ଅହେମଦିମାନଙ୍କୁ ସୁରକ୍ଷିତ ରଖନ୍ତୁ ।

ଯେପରିକି ମୁଁ କହିଲି, ବାଂଲାଦେଶରେ ପରିସ୍ଥିତି ଅତି ସଂଗୀନ ରହିଛି। ପ୍ରଶାସନ ଠାରୁ ଅନୁମତି ପ୍ରାପ୍ତ କରି ଅହେମଦିମାନେ ଜଲ୍‌ସା କରିଥିଲେ । ପ୍ରଶାସନ ମଧ୍ୟ ଆମକୁ ଆଶ୍ୱାସନା ଦେଇଥିଲା ଯେ, ଆପଣମାନେ ନିର୍ଭୟରେ ଜଲ୍‌ସା କରନ୍ତୁ । ଆମେ ସୁରକ୍ଷା ଯୋଗାଇ ଦେବୁ । କିନ୍ତୁ ଯେତେବେଳେ ଆତଙ୍କବାଦୀ କାର୍ଯ୍ୟକଳାପ ପ୍ରିୟ ମୁଲ୍ଲା ଆବାହକମାନେ ନିଜର ସମର୍ଥକମାନଙ୍କର ଗୋଷ୍ଠୀକୁ ଧରି ଜଲ୍‌ସା ସ୍ଥଳୀକୁ ଆସିଲେ ସେତେବେଳେ ଜଲ୍‌ସା ସ୍ଥଳୀରେ ମୁତୟନ ହୋଇଥିବା ପୋଲିସ୍ ମଧ୍ୟ ମୂକ ଦର୍ଶକ ସାଜି ଛିଡ଼ା ହୋଇ ରହିଥିଲା ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିଲା । ସେ ଯାହା ହେଉ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ଆଡ଼କୁ ଆନତ ହେବା ଉଚିତ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରିବା ଉଚିତ। ଅଲ୍ଲାଃତାଲା ଆମ ଅହେମଦି ଭାଇମାନଙ୍କର ସମସ୍ୟାକୁ ଯଥାଶୀଘ୍ର ଦୂରୀଭୂତ କରି ଦିଅନ୍ତୁ । ଆମିନ୍ । ☆ ☆ ☆

## ଖୁତବା ଜୁମା

**ଏହି ଚମତ୍କାର କେବଳ ପବିତ୍ର କୁରଆନ୍ କରୀମ୍‌ର ହିଁ ଅଟେ । ଅର୍ଥାତ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀ, ସତ୍ୟତା, ବ୍ରହ୍ମଜ୍ଞାନ ମଧ୍ୟ ତହିଁରେ ଉଲ୍ଲେଖିତ ରହିଛି ।**

**ଖ୍ରୀଷ୍ଟିଆନମାନେ ଯେଉଁ କଥା ଉପରେ ଗର୍ବିତ ହୁଅନ୍ତି ସେହି ସମସ୍ତ ସତ୍ୟତା ସାର୍ବକାଳୀନ ରୂପେ ଓ ପୂର୍ଣ୍ଣ ରୂପେ ପବିତ୍ର କୁରଆନ୍ କରୀମରେ ମହଜୁଦ୍ ରହିଛି ।**

**"ହଦିସ୍ ବିଚାରକ ନୁହେଁ ବରଂ ପବିତ୍ର କୁରଆନ୍ ହଦିସ୍ ଉପରେ ବିଚାରକ ଅଟେ । (ହ.ମସିହ୍ ମଉଦ୍ ଅ.ସ)"**

**"ପବିତ୍ର କୁରଆନ୍ କରୀମରେ ଯେଉଁ ଐଶୀ ଆଦେଶାବଳୀ ଅବତୀର୍ଣ୍ଣ ହୋଇଛି ଆଁହଜରତ ସ.ଅ ତା'କୁ ବ୍ୟବହାରିକ ରୂପେ କାର୍ଯ୍ୟକାରୀ କରି ଓ କରାଇ ଦେଖାଇଛନ୍ତି ଏବଂ ଏକ ଉଦାହରଣ ସ୍ଥାପନ କରିଦେଇଛନ୍ତି । ଅତଃ ଯଦି ଏହି ଉଦାହରଣ ନଥାଆନ୍ତା ତାହାହେଲେ ଇସ୍‌ଲାମ୍ ଧର୍ମ ବୁଝି ହୋଇ ନଥାଆନ୍ତା । କିନ୍ତୁ ପ୍ରକୃତ ହେଉଛି ପବିତ୍ର କୁରଆନ୍ କରୀମ୍ । (ହ. ମସିହ୍ ମଉଦ୍ ଅ.ସ)"**

**"ପବିତ୍ର କୁରଆନ୍ କରୀମ୍‌ର ଚମତ୍କାର ଏହିକିଯେ, ପବିତ୍ର କୁରଆନ୍ କରୀମ୍‌ରେ ସମସ୍ତ ଶବ୍ଦାବଳୀ ମୁକ୍ତା ପରି ଗୁନ୍ଥା ହୋଇଛି ଏବଂ ନିଜ ନିଜ ସ୍ଥାନରେ ଏପରି ଭାବରେ ସ୍ଥାପିତ କରାଯାଇଛି ଯେ, ଅନ୍ୟ କୌଣସି ବ୍ୟକ୍ତି ଏହାକୁ ଗୋଟିଏ ସ୍ଥାନରୁ ଉଠାଇ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିପାରିବ ନାହିଁ ଏବଂ ଅନ୍ୟ କୌଣସି ଶବ୍ଦ ଦ୍ୱାରା ଏହାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ । କିନ୍ତୁ ଏତଦ୍‌ଭିନ୍ନ ମିତ୍ରାକ୍ଷର ବା ଅତ୍ୟାନୁପ୍ରାସ (କବିତା) ଓ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ସମସ୍ତ ଗୁଣାବଳୀ ମହଜୁଦ୍ ରହିଛି ।"**

**ବର୍ତ୍ତମାନ ଅନ୍ୟ କୌଣସି ଧର୍ମ ଏପରି ନୁହେଁ ଯାହାର ଅନୁଗାମୀ ଓ ଆଜ୍ଞାକାରୀ ଏହି ଦାବି କରିପାରିବ ଯେ, ସେ ଭବିଷ୍ୟତବାଣୀ ଉପସ୍ଥାପିତ କରିପାରିବ କିମ୍ବା ତା' ଠାରୁ ଦୁର୍ଲଭ ଚମତ୍କାର ପ୍ରକାଶ୍ୟ ହୋଇଥାଏ । ତେଣୁ ଉକ୍ତ ପକ୍ଷ ଅନୁଯାୟୀ ପବିତ୍ର କୁରଆନ୍ କରୀମ୍‌ର ଚମତ୍କାର ସମସ୍ତ ପୁସ୍ତକର ଚମତ୍କାର ଅପେକ୍ଷା ସର୍ବାଧିକ ଅଟେ ।"**

**"ଉକ୍ତ ଗୌରବ କେବଳ ପବିତ୍ର କୁରଆନ୍ କରୀମ୍‌କୁ ହିଁ ପ୍ରାପ୍ତ ହୋଇଛି ଯେଉଁଠି ସେ (ଅର୍ଥାତ ପବିତ୍ର କୁରଆନ୍ କରୀମ୍) ଅନ୍ୟ ମିଥ୍ୟା**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

**ଧର୍ମର ଖଣ୍ଡନ କରିଥାଏ ଓ ସେମାନଙ୍କର ତ୍ରୁଟିପୂର୍ଣ୍ଣ ଶିକ୍ଷା ସଂପର୍କରେ ପରିପ୍ରକା କରିଥାଏ । ସେଠାରେ ପ୍ରକୃତ ଓ ବାସ୍ତବିକ ଶିକ୍ଷା ମଧ୍ୟ ଉପସ୍ଥାପିତ କରିଥାଏ ।"(ହ. ମସିହ୍ ମଉଦ୍ ଅ.ସ)**

**ଯେଉଁ ଆଦେଶାବଳୀ ସମ୍ପାଦନ କରିବାକୁ ରହିଛି ତାହା ଅତ୍ୟନ୍ତ ସରଳ ପନ୍ଥା ରହିଛି, ଯେଉଁ ପ୍ରକାଶ୍ୟ ଆଦେଶାବଳୀ ରହିଛି ତାହା ତୁମେମାନେ ଅବଲୋକନ କରୁଛ ତାହାକୁ ତୁମେ କାର୍ଯ୍ୟକାରୀ କରି, ଯେଉଁ କାର୍ଯ୍ୟ କରିବାକୁ ତୁମମାନଙ୍କୁ ବାରଣ କରାଯାଇଛି ତହିଁରୁ ତୁମେମାନେ ଅଟକିଯାଅ । ଏପରି କରିବା ଫଳରେ ପ୍ରଭୁ ତୁମମାନଙ୍କ ଉପରେ ସନ୍ତୁଷ୍ଟ ଓ ପ୍ରସନ୍ନ ହୋଇଯିବେ ।**

**ପବିତ୍ର କୁରଆନ୍ କରୀମ୍ ହେଉଛି ଏକ ସହଜ ଓ ସରଳ ବୋଧଗମ୍ୟ ଧର୍ମଗ୍ରନ୍ଥ ।**

**ଜଲ୍‌ସା ସାଲାନା ବାଂଲାଦେଶ ଉପରେ ଆବାହକମାନଙ୍କ ଆକ୍ରମଣରେ ଅମୀୟମୂଳକ ବୀରଗତି ପ୍ରାପ୍ତକାରୀ ସମ୍ମାନନୀୟ ଜାହିଦ୍ ହୁସୈନ୍ ସାହେବଙ୍କ ବ୍ୟତୀତ ସମ୍ମାନନୀୟ କମାଲ୍ ବଦାହ୍ ସାହେବ ଅଫ୍ ଅଲ୍ ଯଜାଏର୍ (ଉପଦ୍ୱୀପ), ଡାକ୍ତର ଶମୀମ୍ ଅହେମଦ୍ ମଲକ୍ ଅଫ୍ କାନାଡ଼ା, ସମ୍ମାନନୀୟ ସ୍ୱର୍ଗତ ଫରହାଦ୍ ଅମିନୀ ସାହେବ ଅଫ୍ ଜର୍ମାନୀ ଓ ସମ୍ମାନନୀୟ ଚୌଧୁରୀ ଜାୱେଦ୍ ଅହେମଦ୍ ବିସ୍‌ମିଲ୍ ସାହେବ୍ ଅଫ୍ କାନାଡ଼ାଙ୍କର ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 10 Mar 2023 ମସିହା ଅନୁଯାୟୀ ୧୦ ତବ୍‌ଲିଗ୍ ତବ୍‌ଲିଗ୍ /୧୪୦୨ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَ إِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ; ଆଜିକାଲି ଖୁତ୍‌ବାଗୁଡ଼ିକରେ ମୁଁ ପବିତ୍ର କୁରଆନ୍ କରୀମ୍‌ର ମହୋପକାର ଏବଂ ସୁଗୁଣାବଳୀର ଆଲୋଚନା କରୁଥିଲି, ସେହି କ୍ରମରେ ଏହାର ଅବଶିଷ୍ଟାଂଶ ବର୍ଣ୍ଣନା କରିବି । ପବିତ୍ର କୁରଆନ୍ କରୀମ୍‌ର ମହୋପକାର ଏବଂ ସୁଗୁଣାବଳୀ ସଂପର୍କରେ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ମୁଁ ସତ୍ୟ କହୁଛି ଯେ, ପବିତ୍ର କୁରାଆନ୍ କରୀମ୍ ଏଭଳି ଏକ ପୂର୍ଣ୍ଣାଙ୍ଗ ଶିକ୍ଷା ଏବଂ ମାର୍ମିକ ଧର୍ମଗ୍ରନ୍ଥ ଯେ, ଅନ୍ୟ କୌଣସି ଧର୍ମଗ୍ରନ୍ଥ ଏହାର ମୁକାବିଲା କରିପାରିବ ନାହିଁ । ପବିତ୍ର କୁରଆନ୍ କରୀମ୍‌ର ମାର୍ମିକ ହେବା ପ୍ରସଙ୍ଗରେ ଉଦାହରଣ ଦେଇ ଆପଣ ଅ.ସ କୁହନ୍ତି, କ'ଣ ବେଦରେ ଏପରି କୌଣସି ଶ୍ରୁତି (ଲୋକ ପରମ୍ପରାଗତ ଉକ୍ତି) ରହିଛି ଯାହା هُدًى لِّلْمُتَّقِيْنَ ର ମୁକାବିଲା କରିପାରିବ ? ଯଦି ମୌଖିକ ସ୍ୱୀକାରୋକ୍ତିର କୌଣସି ମୂଲ୍ୟ ରହିଛି ଅର୍ଥାତ ତାହାର ଫଳାଫଳ ଓ ପରିଣାମର ଆଶ୍ୟକତା ନାହିଁ ତେବେ ସେ ପରିପ୍ରେକ୍ଷୀରେ ସମସ୍ତ ସଂସାର କୌଣସି ନା କୌଣସି ରୂପେ ଈଶ୍ୱରଙ୍କୁ ସ୍ୱୀକାର କରିଥାଏ । ଭକ୍ତି, ଉପାସନା ଏବଂ ଦାନ ଓ ଦକ୍ଷିଣାକୁ ମଧ୍ୟ ସଂସାରବାସୀ ଭଲ ବୋଲି ବିଚାର କରିଥାନ୍ତି, କୌଣସି ନା କୌଣସି ରୂପରେ ଉପରୋକ୍ତ କଥା ଉପରେ ସେ କାର୍ଯ୍ୟାନୁସରଣ ମଧ୍ୟ କରିଥାନ୍ତି । ହ. ମସିହ୍ ମଉଦ୍ ଅ.ସ ହିନ୍ଦୁମାନଙ୍କୁ ଉତ୍ତର ଦେଇ କହିଲେ, ପୁନଶ୍ଚ ବେଦ ଆସି ସଂସାରକୁ କ'ଣଟା ଦେଇଦେଲା ? ଅବା ଏହା ପ୍ରମାଣ କର ଯେ, ଯେଉଁ ଜାତି ବେଦଗୁଡ଼ିକୁ ସ୍ୱୀକାର କରନ୍ତି ନାହିଁ ସେମାନଙ୍କ ମଧ୍ୟରେ ପୁଣ୍ୟାବଳୀ ସଂପୂର୍ଣ୍ଣ ରୂପେ ଉଭାନ ହୋଇଯାଇଛି ଅବା ଅନ୍ୟ କୌଣସି ବିଶେଷ ନିଦର୍ଶନ ପ୍ରଦର୍ଶିତ କର ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ପବିତ୍ର କୁରଆନ୍ କରୀମ୍‌କୁ ଯେଉଁଠାରୁ ଆରମ୍ଭ କରାଯାଇଛି ଏବଂ ତହିଁରେ ଯେଉଁ ଉନ୍ନତିର ପ୍ରତିଶ୍ରୁତି ପ୍ରଦାନ କରାଯାଇଛି ସେହି ଉନ୍ନତି ତଥା ପ୍ରତିଶୃତିରୁ ସ୍ୱଭାବିକ ରୂପେ ଆତ୍ମା କିଛି ଆଶା ପୋଷଣ କରିଥାଏ । ସୁତରାଂ ସୁରାଃ ଫାତିହାରେ ଅଲ୍ଲାଃତାଲା اِهْدِنَا الصِّرَاطَ الْمُسْتَقِيْمَ **(ଅଲ୍ ଫାତିହା:6)**ର ଶିକ୍ଷା ପ୍ରଦାନ କରି କହିଲେ, ତୁମେମାନେ ପ୍ରଭୁଙ୍କ ନିକଟରେ ଏହି ପ୍ରାର୍ଥନା କର ଯେ, ହେ ଈଶ୍ୱର ! ତୁମ୍ଭେ ଆମମାନଙ୍କୁ ସଳଖ ମାର୍ଗରେ ପରିଚାଳିତ କରାଅ । ଯଦି ମାର୍ଗ ଦର୍ଶନ ପ୍ରାପ୍ତ ହେବା ନିମନ୍ତେ ଆମେମାନେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରୁ ତେବେ ପ୍ରଭୁ ଆମମାନଙ୍କୁ ଏହି ପ୍ରତିଶୃତି ମଧ୍ୟ ଦେଇଛନ୍ତି ଯେ, ସେ ଆମମାନଙ୍କୁ ଅବଶ୍ୟ ସଳଖ ମାର୍ଗରେ ପରିଚାଳିତ କରାଇବେ ଏବଂ ତାହା ଏହିଭଳି ମାର୍ଗ ହୋଇଥିବ ଯେ, ଯେଉଁ ମାର୍ଗ ଉପରେ ପୁଣ୍ୟବାନ ବ୍ୟକ୍ତିମାନେ ପରିଚାଳିତ ହେବା ଫଳରେ ସେମାନେ ପୁରସ୍କୃତ ହେବେ । ଉକ୍ତ ଦୁଆ ସହିତ ସୁରାଃ ଅଲ୍‌ବକ୍ରାଃର ପ୍ରଥମ ଆୟତ୍‌ରେ ଶୁଭସମାଚାର ଦେଇ ଅଲ୍ଲାଃତାଲା କୁହନ୍ତି, ذٰلِكَ الْكِتٰبُ لَا رَيْبَ فِيْهِ هُدًى لِّلْمُتَّقِيْنَ **(ଅଲ୍ ବକରାହ୍:3)** ଯଦିଓ ଅଲ୍ଲାଃତାଲା ମାର୍ଗଦର୍ଶନ ପ୍ରାପ୍ତ କରିବା ନିମନ୍ତେ ଦୁଆ କରିବାକୁ ନିର୍ଦ୍ଦେଶ ଦେଲେ ତେବେ ତତ୍‌ସହିତ ସେହି ମାର୍ଗଦର୍ଶନ ପ୍ରାପ୍ତ ହେବା ନିମନ୍ତେ ଏକ ଖସଡ଼ା ମଧ୍ୟ ପ୍ରସ୍ତୁତ କରି ଏହା କହିଦେଲେ ଯେ, ଉକ୍ତ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ଧର୍ମାପାରୟଣ ବ୍ୟକ୍ତିମାନଙ୍କୁ ସତ୍‌ମାର୍ଗ ପ୍ରାପ୍ତ ହେବ । ଅର୍ଥାତ୍ ଯଦି ପୁଣ୍ୟାତ୍ମାମାନଙ୍କର ଆତ୍ମା ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରନ୍ତି ତେବେ ତାହାର ଏକ ବିଶେଷ ପ୍ରଭାବ ମଧ୍ୟ ଦେଖିବାକୁ ମିଳିଥାଏ । ସେହି ପ୍ରତିଶୃତି ପବିତ୍ର କୁରଆନ୍ କରୀମ୍‌ର ଅବତୀର୍ଣ୍ଣ ହେବା ଆକାରରେ ହିଁ ପୂର୍ଣ୍ଣ ହୋଇଥାଏ । ଏହା ପ୍ରଭୁଙ୍କ କୃପା ଓ କରୁଣା ଅଟେ, ଯାହା ସଂପର୍କରେ ସେ ପବିତ୍ର କୁରଆନ୍ କରୀମ୍‌ରେ କହିଛନ୍ତି । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ସଂସାରବାସୀ ତହିଁରୁ ଅବଚେତନ ଅଟନ୍ତି ଏବଂ ତାହା ଠାରୁ ଦୂରେଇ ଯାଇ ଅଜ୍ଞାତବସ୍ଥାରେ କାଳାତିପାତ କରି ନିଜର ଧ୍ୱଂସ ଓ ଅପାର କ୍ଷତି ସାଧିତ କରୁଛନ୍ତି ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ମୁଁ ପୁନଶ୍ଚ କହୁଛି, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଧର୍ମପରାୟଣ ବ୍ୟକ୍ତିଙ୍କର ଯେଉଁ ବିଶେଷ ଗୁଣାବଳୀ ଦର୍ଶାଇଛନ୍ତି ସେଗୁଡ଼ିକୁ ସାଧାରଣ ଗୁଣାବଳୀର ଶ୍ରେଣୀରେ ରଖିଛନ୍ତି । କିନ୍ତୁ ମନୁଷ୍ୟ ଯେତେବେଳେ ଏହା ଉପରେ କାର୍ଯ୍ୟାନୁସରଣ କରି ନିଜର ମାର୍ଗ ଦର୍ଶନ ନିମନ୍ତେ ଏହାକୁ ନିଜର କାର୍ଯ୍ୟପ୍ରଣାଳୀ ବା କାର୍ଯ୍ୟଶୈଳୀ ରୂପେ ବିବେଚିତ କରେ ତେବେ ସେପରିପ୍ରେକ୍ଷୀରେ ସେ ମାର୍ଗଦର୍ଶନର ସର୍ବୋଚ୍ଚ ସ୍ତର ଏବଂ ସର୍ବୋଚ୍ଚ ସୋପାନରେ ଉପନୀତ ହୁଏ ଯାହାକି هُدًى لِّلْمُتَّقِيْنَରେ ଅନ୍ତର୍ନିହିତ ରହିଛି । ପବିତ୍ର କୁରଆନ୍ କରୀମ୍‌ର ଅଭିପ୍ରାୟ ସଂକ୍ରାନ୍ତରେ ବିଚାର କରି ହୃଦୟ ଏପରି ଆନନ୍ଦିତ ଓ ଉତ୍‌ଫୁଲ୍ଲିତ ଯାହାକୁ ଶବ୍ଦରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । କାରଣ ତହିଁରୁ ଅଲ୍ଲାଃତାଲାଙ୍କ ବିଶେଷ କୃପା ଓ ପବିତ୍ର କୁରଆନ୍ କରୀମ୍‌ର ପୂର୍ଣ୍ଣତ୍ୱ ସଂପର୍କରେ ସୂଚନା ପ୍ରାପ୍ତ ହୋଇଥାଏ । **(ମଲ୍‌ଫୁଜାତ୍, ଭାଗ-୫, ପୃ-317-318, ପ୍ରକାଶନ ବର୍ଷ-1984 ମସିହା)**

ଆପଣ ଅ.ସ ପୁନଶ୍ଚ କହିଲେ, ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ହେଉଛି ଏକ


ହଦିସେ ନବଵୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)



ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya Kerang, Darul Fazal (Odisha)

ପୂର୍ଣ୍ଣାଙ୍ଗ ଶିକ୍ଷା । ଯୁଗାନୁପଯୋଗୀ ଆଁହଜରତ ସ.ଅଙ୍କ ଆଗମନର ଅନ୍ୟ ଏକ ପ୍ରମାଣ ଏହିକି ଯେ, اَلْيَوْمَ اَكْمَلْتُ لَكُمْ। ତହିଁରେ ଅଲ୍ଲାଃତାଲା ଇସଲାମ୍ ଧର୍ମକୁ ଓ ପବିତ୍ର କୁରଆନ୍ କରୀମ୍ର ଶିକ୍ଷାକୁ ଏକ ପୂର୍ଣ୍ଣାଙ୍ଗ ଶିକ୍ଷା ରୂପେ ବିବେଚିତ କରିଛନ୍ତି । ଅତଏବ୍ ସେହି ସମୟରେ ଯୁଗର ଯେଉଁ ଅବସ୍ଥା ତଥା ପରିସ୍ଥିତି ରହିଥିଲା ତାହା ଆଁହଜରତ ସ.ଅଙ୍କ ଅବତୀର୍ଣ୍ଣ ହେବାକୁ ଅପେକ୍ଷା କରିଥିଲା ଏବଂ ଆଁହଜରତ ସ.ଅଙ୍କ ଅବତାର ଭାବରେ ଅବତୀର୍ଣ୍ଣ ହେବା ଏହାର ବଳିଷ୍ଠ ପ୍ରମାଣ। ଆପଣ ଅ.ସ କହିଲେ, ଏହି ଅଧ୍ୟାୟଟି ଅବତାରତ୍ୱର ଦ୍ୱିତୀୟ ଅଧ୍ୟାୟ ଓ ଦ୍ୱିତୀୟ ରତ୍ନ ଅଟେ । ପୂର୍ଣ୍ଣତ୍ୱ ଏହା ନୁହେଁ ଯେ, ଅଲ୍ଲାଃତାଲା ସୁରାଃଗୁଡ଼ିକ ଅବତୀର୍ଣ୍ଣ କରିଦେବା ଫଳରେ ତାଙ୍କର କାମ ଶେଷ ହୋଇଗଲା ତାହା ନୁହେଁ । ବରଂ ପୂର୍ଣ୍ଣତ୍ୱ କହିଲେ ପୂର୍ଣ୍ଣ ଆତ୍ମା ଏବଂ ହୃଦୟର ପୂର୍ଣ୍ଣ ପବିତ୍ରାବସ୍ଥାକୁ ବୁଝାଏ । ଅଲ୍ଲାଃତାଲା ମନୁଷ୍ୟର ଆତ୍ମିକ ଅବସ୍ଥାକୁ ପୂର୍ଣ୍ଣତ୍ୱ ପ୍ରଦାନ କରିଦେଲେ । ପବିତ୍ର କୁରଆନ୍ କରୀମର ପୂର୍ଣ୍ଣତ୍ୱ ବା ବିଶେଷତା କହିଲେ ଏହା ବୁଝାଯାଏ ଯେ, ଯେଉଁମାନେ ପବିତ୍ର କୁରଆନ୍ କରୀମ୍ର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରନ୍ତି ସେମାନଙ୍କୁ ପୂର୍ଣ୍ଣ ବ୍ୟକ୍ତିରେ ପରିଣତ କରିଦେଲେ । ସେମାନଙ୍କର ହୃଦୟକୁ ପବିତ୍ର କଲେ । ଏହି ଦୁଇଟିକୁ ଅଲ୍ଲାଃତାଲା ସଂପୂର୍ଣ୍ଣ କରିଦେଲେ । ଅର୍ଥାତ ଅଲ୍ଲାଃତାଲା ମନୁଷ୍ୟକୁ ହିଂସ୍ରାବସ୍ଥାରୁ ମନୁଷ୍ୟାବସ୍ଥା, ବୁଦ୍ଧିମାନ, ଚରିତ୍ରବାନ, ସଚ୍ଚରିତ୍ର ଏବଂ ପ୍ରଭୁଙ୍କ ସାମୀପ୍ୟତା ଅର୍ଜନକାରୀ ବ୍ୟକ୍ତିରେ ପରିଣତ କରିଦେଲେ। ମନୁଷ୍ୟକୁ ଶିଷ୍ଟାଚାରୀ ଏବଂ ତା'ର ଆତ୍ମାକୁ ପବିତ୍ର କରିବା ନିମନ୍ତେ ସର୍ବୋଚ୍ଚ ସ୍ତରୀୟ ଶିକ୍ଷା ଯୋଗାଇ ଦେଲେ ଏବଂ ଉକ୍ତ ଶିକ୍ଷାର ନିଷ୍କର୍ଷ ତଥା ଫଳାଫଳ ମଧ୍ୟ ଦର୍ଶାଇଦେଲେ। ସେହିପରି ଅଲ୍ଲାଃତାଲାଙ୍କର ଗ୍ରନ୍ଥ (ପବିତ୍ର କୁରଆନ୍)କୁ ମଧ୍ୟ ପୂର୍ଣ୍ଣ କରିଦେଲେ । ଏପରି କୌଣସି ସତ୍ୟତା ଓ ଶିକ୍ଷା ନାହିଁ ଯାହା ପବିତ୍ର କୁରଆନ୍ରେ ବର୍ଣ୍ଣିତ ହୋଇ ନାହିଁ । ଅଗ୍ନୀହୋତ୍ରୀ(ହିନ୍ଦୁଙ୍କ ଧାର୍ମିକ ଗୋଷ୍ଠୀର ଜଣେ ସଂସ୍ଥାପକ ଅଟନ୍ତି, ସେ ପ୍ରଥମେ ଏକ ଗୋଷ୍ଠୀ ସହିତ ସଂଶ୍ଳିଷ୍ଟ ଥିଲେ ପରେ ନିଜସ୍ୱ ଏକ ସଂପ୍ରଦାୟ ସ୍ଥାପନ କଲେ)ଙ୍କ ସହିତ ମୋର ବାରମ୍ବାର ବିତର୍କ ହେଉଥିଲା । ମୁଁ ତାଙ୍କୁ ବରମ୍ବାର କହିଲି କି ଏପରି କୌଣସି ସତ୍ୟତା ଉପସ୍ଥାପିତ କରନ୍ତୁ ଯାହା ପବିତ୍ର କୁରଆନ୍ କରୀମରେ ବର୍ଣ୍ଣିତ ହୋଇ ନାହିଁ । ସେ କିନ୍ତୁ ଉପସ୍ଥାପିତ କରିପାରିଲା ନାହିଁ । ଠିକ୍ ସେହିପରି ମୋ ଉପରେ ଏପରି ଯୁଗ ଅତିକ୍ରାନ୍ତ ହୋଇଛି । ମୁଁ ବାଇବେଲ୍କୁ ସମ୍ମୁଖରେ ରଖିଦେଲି । ଯେଉଁ କଥାଗୁଡ଼ିକ ଉପରେ ଖ୍ରୀଷ୍ଟିଆନ୍ମାନେ ନିଜକୁ ଗୌରବାନ୍ୱିତ ବୋଲି ମନେ କରନ୍ତି ସେହି ସମସ୍ତ ସତ୍ୟତା ନିରନ୍ତର ରୂପେ ଓ ଅତ୍ୟନ୍ତ ପୂର୍ଣ୍ଣ ରୂପେ ପବିତ୍ର କୁରଆନ୍ କରୀମ୍ରେ ଉପସ୍ଥିତ ରହିଛି । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ମୁସଲମାନମାନଙ୍କର ଏଥିପ୍ରତି ଧ୍ୟାନ ନାହିଁ। ମୁସଲମାନମାନେ ପବିତ୍ର କୁରଆନ୍ କରୀମ ଉପରେ ଆଦୌ ବିଚାର କରନ୍ତି ନାହିଁ ଓ ନା ହିଁ ସେମାନଙ୍କ ହୃଦୟରେ ପବିତ୍ର କୁରଆନ୍ ପ୍ରତି ମାହାତ୍ମ୍ୟ ଓ ସମ୍ମାନ ରହିଛି । ଅନ୍ୟଥା ଏହା ଏପରି ଏକ ମର୍ଯ୍ୟାଦା ଯେ, ଏହାର ଦୃଷ୍ଟାନ୍ତ ଅନ୍ୟମାନଙ୍କ ମଧ୍ୟରେ ଦେଖିବାକୁ ମିଳୁ ନାହିଁ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: اَلْيَوْمَ اَكْمَلْتُ لَكُمْ **(ଅଲ୍ ମାଏଦା:4)** ଆୟତର ଦୁଇଟି ପକ୍ଷ ରହିଛି ଯଥା;- (1) ପବିତ୍ର କୁରଆନ୍ କରୀମ୍ ତୁମମାନଙ୍କୁ ପବିତ୍ର କରି ସାରିଛି । (2) ଅଲ୍ଲାଃତାଲା ଧର୍ମ ଗ୍ରନ୍ଥଟିକୁ ସଂପୂର୍ଣ୍ଣ କରିଦେଇଛନ୍ତି । ପୂର୍ଣ୍ଣ ଧର୍ମବିଧାନ ତୁମ ଉପରେ ଅବତୀର୍ଣ୍ଣ କରିଛନ୍ତି । କୁହାଯାଏ ଯେ, ଯେତେବେଳେ ଉପରୋକ୍ତ ଆୟତଟି ଅବତୀର୍ଣ୍ଣ ହୋଇଥିଲା ସେତେବେଳେ ସେହି ବାର ଥିଲା ଶୁକ୍ରବାର ଦିନ । ହ. ଉମର୍ ର.ଅଙ୍କୁ କୌଣସି ଏକ ଇହୁଦୀ କହିଲା, ଉକ୍ତ ଆୟତର ଅବତୀର୍ଣ୍ଣ ହେବା ଦିନ ତୁମେମାନେ ଇଦ୍ ପାଳନ କରି ନେଇଥାଆନ୍ତ ? ଏହା ଏଭଳି ଏକ ପୂର୍ଣ୍ଣ ଓ ପ୍ରଭାବଶାଳୀ ଆୟତ୍ ଅଟେ ଯେ, ସେହି ଦିନ ଆନନ୍ଦ ଓ ଉଲ୍ଲାସ ସହିତ ଇଦ୍ ପର୍ବ ପାଳନ କରିବା ଉଚିତ୍ ଥିଲା । ଇହୁଦୀ ବ୍ୟକ୍ତି ଜଣକ ହ. ଉମର୍ ର.ଅଙ୍କୁ କହିଲା, "ହ. ଉମର୍ ର.ଅ କହିଲେ ଶୁକ୍ରବାର ଦିନ ତ' ଇଦ୍ ଦିନ ହିଁ ଅଟେ । କାରଣ ଉକ୍ତ ଆୟତଟି ଶୁକ୍ରବାର ଦିନ ଅବତୀର୍ଣ୍ଣ ହୋଇଥିଲା ତେଣୁ ଶୁକ୍ରବାର ଦିନ ଇଦ୍ ଦିନ୍ ଅଟେ । କିନ୍ତୁ ଅନେକ ଲୋକ ଏହି ଦିନ ଠାରୁ ଅବଚେତନ ଅଟନ୍ତି । ଅନ୍ୟ ଇଦ୍ ଦିନ ମାନଙ୍କରେ ବସ୍ତ୍ର ବଦଳନ୍ତି ଓ ନୂତନ ବସ୍ତ୍ର ପିନ୍ଧନ୍ତି ବା ପରିଧାନ କରନ୍ତି । କିନ୍ତୁ ଉକ୍ତ ଇଦ୍ ସଂପର୍କରେ ଭ୍ରୁକ୍ଷେପ କରନ୍ତି ନାହିଁ ଏବଂ ମସିଆ, ମଳି ଓ ଅସନା କପଡ଼ା ପିନ୍ଧି ନମାଜ ପଢିବାକୁ ଚାଲି ଆସନ୍ତି । ହ. ଉମର୍ ର.ଅ ଜୁମା ଦିନ ଓ ନମାଜ୍ର ମହତ୍ୱ ସଂପର୍କରେ ଆପଣ ର.ଅ ସ୍ପଷ୍ଟୀକରଣ ପ୍ରଦାନ କରୁଛନ୍ତି ଯେ, ଜୁମା ନମାଜ ପଢିବା କେତେ ଆବଶ୍ୟକ ? ହ. ଉମର୍ ର.ଅ କୁହନ୍ତି "ଉକ୍ତ ଇଦଟି ଅନ୍ୟ ଇଦ୍ ଅପେକ୍ଷା ସର୍ବୋତ୍କୃଷ୍ଟ ଅଟେ ।" ଅର୍ଥାତ୍ ଜୁମା ଦିନ ମଧ୍ୟ ବିଶେଷ ଆୟୋଜନ ହେବା ଉଚିତ୍ । ଜୁମା ନମାଜ୍ରେ ସାମିଲ୍ ହେବାର ବ୍ୟବସ୍ଥା ମଧ୍ୟ କରିବା ଉଚିତ । କେବଳ ବର୍ଷେ ପରେ ଇଦ୍ ନମାଜ ପଢିବା ଉଚିତ୍ ନୁହଁ । ତେଣୁ ଏହି ଇଦ୍ ନିମନ୍ତେ ସୁରାହ୍ ଜୁମା ନିର୍ଦ୍ଧାରିତ ହୋଇଛି ଏବଂ ଏହି ଇଦ୍ ପାଇଁ କସର୍ ନମାଜ୍ ରହିଛି ଏବଂ ଶୁକ୍ରବାର ହେଉଛି ସେହି ଦିନ ଯହିଁରେ ଅସର ସମୟରେ ହ. ଆଦମ୍ ଅ.ସ ଜନ୍ମଗ୍ରହଣ କରିଥିଲେ । ଉକ୍ତ ଇଦଟି ସେହି କାଳକୁ ଦର୍ଶାଏ ଯେ, ସେହି ଇଦ୍ ଦିନ ହ. ଆଦମ ଅ.ସ ନାମକ ପ୍ରଥମ ବ୍ୟକ୍ତି ଜନ୍ମ ଗ୍ରହଣ କରିଥିଲେ । ତେଣୁ ପବିତ୍ର କୁରଆନ୍ କରୀମ୍ର ପରିସମାପ୍ତି ଏହି ଦିନ ହିଁ ହୋଇଥିଲା ।" **(ମଲ୍ଫୁଜାତ୍, ଭାଗ-8, ପୃ-399, ପ୍ରକାଶନ ବର୍ଷ-1984 ମସିହା)**

ପବିତ୍ର କୁରଆନ୍ କରୀମ ହଦିସ୍ ଉପରେ ବିଚାରକ ଅଟେ । ନା କି ହଦିସ୍ ପବିତ୍ର କୁରଆନ୍ କରୀମ୍ ଉପରେ ବିଚାରକ । ହଜରତ୍ ମସିହ୍ ମଉଦ୍ ଅ.ସ କୁହନ୍ତି, "ଅନେକ ମୁସଲମାନମାନଙ୍କ ମଧ୍ୟରେ ଆଉ ଏକ ଭ୍ରମ ରହିଛି ଯେ, ସେମାନେ ହଦିସ୍କୁ ପବିତ୍ର କୁରଆନ୍ ଉପରେ ପ୍ରାଧାନ୍ୟ ଦିଅନ୍ତି । କିନ୍ତୁ ଏହା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ । ପବିତ୍ର କୁରଆନ୍ ନିଜ ମଧ୍ୟରେ ଏକ ବିଶ୍ୱାସମୂଳକ ସ୍ତର ତଥା ପ୍ରମାଣ ରଖିଥାଏ । କିନ୍ତୁ ହଦିସ୍ରେ ଯେଉଁ ସ୍ତର ରହିଛି ତାହା କାଳ୍ପନିକ ଅଟେ । ପବିତ୍ର କୁରଆନ୍ କରୀମ୍ର ଶୀକ୍ଷା ବିଶ୍ୱାସ ଉପରେ ଆଧାରିତ । କିନ୍ତୁ ହଦିସ୍କୁ ଆମେମାନେ ବିଶ୍ୱାସମୂଳକ କଥ କହିପାରିବା ନାହିଁ । ଅନେକ ବର୍ଣ୍ଣନା ତ' ପରବର୍ତ୍ତୀ ସମୟରେ ଏକତ୍ରିତ ହୋଇଛି ।

ଆପଣ ଅ.ସ କହୁନ୍ତି ହଦିସ୍ କାଜି (ବିଚାରକ) ନୁହେଁ ବରଂ ପବିତ୍ର କୁରଆନ୍ କରୀମ୍ ହଦିସ୍ ଉପରେ କାଜି ଅଟେ । ନିର୍ଣ୍ଣୟ କରିବାର ଅଧିକାର କେବଳ ପବିତ୍ର କୁରଆନ୍ କରୀମ୍ର ହିଁ (କାର୍ଯ୍ୟ) ଅଟେ । ଅପରପକ୍ଷେ ଅନେକ ହଦିସ୍ ପବିତ୍ର କୁରଆନ୍ କରୀମ୍ର ବ୍ୟଖ୍ୟା ଅଟେ । ହଦିସ୍କୁ ତା' ସ୍ଥାନରେ ରଖିବା ଉଚିତ୍ । କାରଣ ହଦିସ୍କୁ ସେହି ପର୍ଯ୍ୟନ୍ତ ହିଁ ଗ୍ରହଣ କରିବାର ଆବଶ୍ୟକତା ଓ ଔଚିତ୍ୟତା ରହିଛି ଯେପର୍ଯ୍ୟନ୍ତ ତାହା ପବିତ୍ର କୁରଆନୀୟ ଶିକ୍ଷାର ଖଣ୍ଡନ କରି ନାହିଁ ଏବଂ ପବିତ୍ର କୁରଆନ୍ ଅନୁଯାୟୀ ତାହା ହୋଇଥିବା ଉଚିତ । କିନ୍ତୁ ଯଦି ହଦିସ୍ ପବିତ୍ର କୁରଆନ୍ର ବିରୁଦ୍ଧାଚରଣ କରେ ତେବେ ତାହା ହଦିସ୍ର ମାନ୍ୟତା ପ୍ରାପ୍ତ କରିପାରିବ ନାହିଁ, ବରଂ ତାହା ବହିଷ୍କୃତ ଯୋଗ୍ୟ କଥନ ଅଟେ । ଆପଣ ଅ.ସ କହିଲେ, କିନ୍ତୁ ପବିତ୍ର କୁରଆନ୍କୁ ବୁଝିବାକୁ ହେଲେ ହଦିସ୍ ଏକାନ୍ତ ଅପରିହାର୍ଯ୍ୟ ଅଟେ । କିନ୍ତୁ ତତ୍‌ସହିତ ଏହା ମଧ୍ୟ ମନେ ରଖିବା ଉଚିତ୍ ଯେ, ଏପରି ଅନେକ ହଦିସ୍ ରହିଛି ଯାହାକି ପବିତ୍ର କୁରଆନ୍ କରୀମ୍ର କେତେକ ଆୟତର ବ୍ୟାଖ୍ୟା ବା ସ୍ପଷ୍ଟୀକରଣ ପ୍ରଦାନ କରିଥାଏ । ଅନେକ ବରିଷ୍ଠ ସାହାବାମାନଙ୍କର କଥନ ତହିଁରେ ଉଲ୍ଲିଖିତ ରହିଛି । ଅତଃ ହଦିସ୍କୁ ବୁଝିବାର ଆବଶ୍ୟକତା ରହିଛି। କିନ୍ତୁ ଏକଥା ସ୍ମରଣ ରଖ ଯେ, ହଦିସ୍ ଯେପରି ପବିତ୍ର କୁରଆନ୍ କରୀମର ବିରୁଦ୍ଧାଚରଣ ନକରୁ ।

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: ପବିତ୍ର କୁରାଆନ୍ରେ ଅଲ୍ଲାଃତାଲା ଯେଉଁ ଆଦେଶାବଳୀ ପ୍ରଣୟନ କରିଛନ୍ତି ସେହି ଆଦାଶବଳୀଗୁଡ଼ିକୁ ଆଁହଜରତ ସ.ଅ ନିଜର ବ୍ୟବହାରିକ ଜୀବନରେ ସମ୍ପାଦନ କରି ଦେଖାଇ ଦେଇଛନ୍ତି ଏବଂ ଏକ ନମୁନା ସ୍ଥାପନ କରିଯାଇଛନ୍ତି । ଯଦି ଏହି ଉଦାହରଣ ଓ ସେହି ଶିକ୍ଷା ପବିତ୍ର କୁରଆନ୍ କରୀମ୍ରେ ବର୍ଣ୍ଣିତ ହୋଇ ନଥାଆନ୍ତା ତେବେ ଇସଲାମ୍ ଧର୍ମ ସଂକ୍ରାନ୍ତରେ କିଛି ବୁଝା ପଡ଼ି ନଥାନ୍ତା । କିନ୍ତୁ ସମସ୍ତ ଉଦାହରଣ ଏବଂ ଶିକ୍ଷାର ମୂଳାଧାର ହେଉଛି ପବିତ୍ର କୁରଆନ୍ । କେତେକ ସ୍ୱପ୍ନଦର୍ଶୀ ବ୍ୟକ୍ତିମାନେ ଆଁହଜରତ ସ.ଅଙ୍କ ଠାରୁ ସିଧା ସଳଖ ଏଭଳି ହଦିସ୍ ଶୁଣି ନିଅନ୍ତି ଯାହା ଅନ୍ୟ ଲୋକମାନଙ୍କୁ ଜଣା ନାହିଁ ଅବା ସେହି ଲୋକମାନେ ଉପସ୍ଥିତ ହଦିସ୍ଗୁଡ଼ିକର ପୁଷ୍ଟି କରି ନିଅନ୍ତି । **(ମଲ୍ଫୁଜାତ୍, ଭାଗ-8, ପୃ-363-364, ପ୍ରକାଶନ ବର୍ଷ-**

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

1984 ମସିହା)

ନିଜ ସଂକ୍ରାନ୍ତରେ ଆପଣ ଅ.ସ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ମୁଁ ମଧ୍ୟ ଆଁହଜରତ ସ.ଅଙ୍କ ଠାରୁ ସିଧା ସଳଖ କେତେକ ହଦିସ୍ ଶୁଣିଅଛି । **(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ଭାଗ-3,ପୃ-550-572)**

ପବିତ୍ର କୁରଆନ୍‌ର ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀ ସଂପର୍କରେ ଆପଣ ଅ.ସ କୁହନ୍ତି, ପବିତ୍ର କୁରଆନ୍‌ର ପଂକ୍ତିରେ ଏହିଭଳି ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀ ଓ ଉପଯୁକ୍ତ ଔଚିତ୍ୟତାମୂଳକ, ମୃଦୁଳ, କୋମଳ ତଥା ଭବ୍ୟ ଔଜସ୍ୱୀତା ନିହିତ ରହିଛି ଯେ, ଯଦି କୌଣସି ସମାଲୋଚକ ଏବଂ ଇସଲାମ୍ ଧର୍ମର ଘୋର ବିରୋଧୀ ବ୍ୟକ୍ତିକୁ ଆରବୀ ଭାଷାର ଶ୍ରୁତ ଲିଖନ (ଅକ୍ଷର ବିନ୍ୟାସ ତଥା ବାଗ୍‌ବିନ୍ୟାସ)ରେ ପାରଙ୍ଗମ ଥିବା ବ୍ୟକ୍ତିକୁ କ୍ଷମତାସୀନ ଶାସକ ପକ୍ଷରୁ ଏହି ଆଦେଶ ଶୁଣାଇ ଦିଆଯାଏ ଯେ, ତୁମେ ଯଦି ୨୦ ବର୍ଷ ମଧ୍ୟରେ ପବିତ୍ର କୁରଆନ୍ କରୀମ୍‌ର ଦୁଇ ଚାରି ଧାଡ଼ି ତୁଲ୍ୟ ପ୍ରସଙ୍ଗ ଲେଖି ଦେଇ ନପାରିବ ତେବେ ତୁମକୁ ମୃତ୍ୟୁ ଦଣ୍ଡ ଦିଆଯିବ । ତଥାପି ସେହି ବ୍ୟକ୍ତି ସମଗ୍ର ପୃଥିବୀବାସୀଙ୍କର ଶତାଧିକ ବାଗ୍‌ବିନ୍ୟାସକାରୀ ଶ୍ରୁତ ଲିଖନକାରୀ ବ୍ୟକ୍ତିଙ୍କୁ ନିଜର ସହାୟକ କରିନେଉ ପଛେ ସେ (ଏହା ଉପରେ) କଦାପି ସକ୍ଷମ ହୋଇପାରିବ ନାହିଁ ଯେ, ପବିତ୍ର କୁରଆନ୍ ପରି ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀ ଉପସ୍ଥାପିତ କରିପାରିବ। **(ବରାହିନେ ଅହେମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-297-286)**

ଏହା ହେଉଛି ପବିତ୍ର କୁରଆନ୍ କରୀମ୍‌ର ଚମତ୍କାର ଓ ତାହାର ଲିଖନଗତ ବର୍ଣ୍ଣନାତ୍ମକ ଶୈଳୀ । ଆପଣ ଅ.ସ କୁହନ୍ତି, ଏହା କୌଣସି କାଳ୍ପନିକ ଏବଂ କପୋଳ କଳ୍ପିତ ପ୍ରସଙ୍ଗ ନୁହେଁ, ବରଂ ପବିତ୍ର କୁରଆନ୍ ଯେବେ ଠାରୁ ଅବତୀର୍ଣ୍ଣ ହୋଇଛି ସେବେ ଠାରୁ ଏହି ଚ୍ୟାଲେଞ୍ଜ (ଦାବି) ସଂସାରବାସୀଙ୍କ ସମ୍ମୁଖରେ ଅକ୍ଷୁର୍ଣ୍ଣ ରହିଛି। ଆଜି ମଧ୍ୟ କେତେକ ଇସଲାମ୍ ଧର୍ମ ବିରୋଧୀ ଏହାର ଦୃଷ୍ଟାନ୍ତ ଉପସ୍ଥାପିତ କରିବାକୁ ଉଦ୍ୟମ କରୁଛନ୍ତି । ପ୍ରତ୍ୟେକ ଦିନ କେହି ନା କେହି ବିରୋଧୀ କୌଣସି ଆପତ୍ତିର ବିନ୍ଦୁ ଛାଡ଼ନ୍ତି ଏବଂ ଏହି ଦାବି କରନ୍ତି ଯେ, ଆମେମାନେ ଉଦାହରଣ ଉପସ୍ଥାପିତ କରୁଛୁ କିନ୍ତୁ ସେମାନେ ପବିତ୍ର କୁରଆନ୍ କରୀମ୍‌ର ଉଚ୍ଚ ଲାଳିତ୍ୟତାର ନିକଟ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚି ପାରିବେ ନାହିଁ । ଏହା କେବଳ ସେମାନଙ୍କର ଫମ୍ପା ଦାବି ଅଟେ ।

ସେହିପରି ହ. ମସିହ୍ ମଉଦ ଅ.ସ କୁହନ୍ତି, ପବିତ୍ର କୁରଆନ୍‌ର ଉଚ୍ଚ କମନୀୟତା ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀର ମୁକାବିଲା କରିବା ଅସମ୍ଭବ ଅଟେ । ଉଦାହରଣ ସ୍ୱରୂପ ସୁରାହ୍ ଫାତିହାର ସଂପ୍ରତିକ କ୍ରମିକତାକୁ ବାଦ୍ ଦେଇ ଅନ୍ୟ କୌଣସି କ୍ରମିକତାକୁ ବ୍ୟବହାର କରି ଦେଖିନିଅ ଯେ, ସେହି ଉଚ୍ଚାର୍ଥ ଏବଂ ପରମ ଅଭିପ୍ରାୟ ଯାହାକି ପବିତ୍ର କୁରଆନ୍ କରୀମରେ ବିଦ୍ୟମାନ ରହିଛି ତାହା ଅନ୍ୟ କୌଣସି ଧର୍ମ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ହୋଇ ନାହିଁ । ଯେକୌଣସି ସୁରାହ୍‌କୁ ନେଇ ନିଅନ୍ତୁ । ସେ ପଛେ ସୁରାହ୍ ଇଖଲାସ୍ قُلْ هُوَ اللّٰهُ اَحَدٌ ହିଁ ହେଉ ପଛେ। ଯେଉଁଭଳି କୋମଳାତ ଏବଂ ଆନ୍ତରୀକତାର ସ୍ୱାଧୀନତାକୁ ଧ୍ୟାନରେ ରଖି ତହିଁରେ ପରିଚାୟମୂଳକ ସତ୍ୟତା ରହିଛି ତାହାକୁ ଅନ୍ୟ କେହି ବ୍ୟକ୍ତି ବର୍ଣ୍ଣନା କରିପାରିବ ନାହିଁ । ଏହା କେବଳ ପବିତ୍ର କୁରଆନ୍ କରୀମ୍‌ର ହିଁ ଅନନ୍ୟତା ଅଟେ । ମୁଁ ଆଶ୍ଚର୍ଯ୍ୟଚକିତ ଯେ, ଯେତେବେଳେ କେତେକ ଅବୋଧ ବ୍ୟକ୍ତିମାନେ **'ମକାମାତେ ହରିରି'** ଓ **'ସବ୍ଆ ମୁଅଲ୍ଲକାକୁ'** ଅତୁଳ୍ୟ ଓ ଅଦୃଷ୍ଟାନ୍ତନୀୟ ବୋଲି ବିବେଚିତ କରନ୍ତି ଏବଂ କୁହନ୍ତି ଉକ୍ତ ଦୁଇ ପୁସ୍ତକ ହେଉଛି ସର୍ବୋତ୍କୃଷ୍ଟ ପୁସ୍ତକ । ଏମାନଙ୍କର କେହି ଦୃଷ୍ଟାନ୍ତ ଉପସ୍ଥାପିତ କରିପାରିବ ନାହିଁ । ସେମାନେ ଏହିପରି ଭାବରେ ପବିତ୍ର କୁରଆନ୍ କରୀମ୍‌ର ଅତୁଳ୍ୟତା ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଥାନ୍ତି । ସେମାନ ଏତିକି ଟିକିଏ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ଯେ, ପ୍ରଥମତଃ ହରିରି ପୁସ୍ତକର ଲେଖକ ନିଜର ପୁସ୍ତକକୁ ଅତୁଳ୍ୟ ହେବାର କେଉଁଠି ବି ଘୋଷଣା କରି ନାହାନ୍ତି। ଦ୍ୱିତୀୟତଃ ହରିରି ପୁସ୍ତକର ଲେଖକ ସ୍ୱୟଂ ପବିତ୍ର କୁରଆନ୍ କରୀମ୍‌ର ଅନନ୍ୟ ଲାଳିତ୍ୟ ସମ୍ପନ୍ନ ହେବାର କାଇଲ୍ (ସ୍ୱୀକାରୋକ୍ତି ପ୍ରକାଶ କରୁ) ଥିଲା । ଏତଦ୍‌ଭିନ୍ନ ଆପତ୍ତିକାରୀମାନେ ସତ୍ୟତା ତଥା ସତ୍‌ମାର୍ଗତାକୁ ନିଜ ମସ୍ତିଷ୍କରେ ମନେ ରଖିନ୍ତି ନାହିଁ ବରଂ ଏଗୁଡ଼ିକୁ ପରିତ୍ୟାଗ କରି କେବଳ ଶବ୍ଦ ମୁହାଁ ହୁଅନ୍ତି । ଉପରୋକ୍ତ ପୁସ୍ତକ ଦ୍ୱୟ ସତ୍ୟ ଏବଂ ବୌଦ୍ଧିକ ଚାତୁର୍ଯ୍ୟତା ଶୂନ୍ୟ ନୁହେଁ । ଅନନ୍ୟ ବିଶେଷତା ହେତୁ ପ୍ରତ୍ୟେକ ପ୍ରକାରର ସ୍ୱାଧୀନତାକୁ ଦୃଷ୍ଟି ଅଧୀନ ରଖନ୍ତି । ଉଚ୍ଚ ଲାଳିତ୍ୟ ସମ୍ପନ୍ନତାକୁ ହାତଛଡ଼ା କରନ୍ତୁ ନାହିଁ । ସତ୍ୟତା ଓ ବ୍ରହ୍ମଜ୍ଞାନକୁ ମଧ୍ୟ ହାତ ଛଡ଼ା କରନ୍ତୁ ନାହିଁ । ଏହି ଚମତ୍କାର କେବଳ ପବିତ୍ର କୁରଆନ୍ କରୀମ୍‌ର ହିଁ ଯେ, ପବିତ୍ର କୁରଆନ୍ କରୀମ୍‌ରେ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷା ବି ରହିଛି ଏବଂ ବ୍ରହ୍ମଜ୍ଞାନ ସମ୍ପନ୍ନ ପ୍ରସଙ୍ଗ ମଧ୍ୟ ରହିଛି । ଯାହାକି ସୂର୍ଯ୍ୟ ପରି ଜାଜ୍ୱଲ୍ୟମାନ ଓ ପ୍ରତ୍ୟେକ ପାର୍ଶ୍ୱରୁ ନିଜ ମଧ୍ୟରେ ଅନନ୍ୟତାମୂଳକ ଶକ୍ତି ଧାରଣ କରି ରଖିଥାଏ ସେ ହେଉଛି ପବିତ୍ର କୁରଆନ୍ କରୀମ୍ । **(ମଲ୍‌ଫୁଜାତ୍, ଭାଗ-1, ପୃ-84-85, ପ୍ରକାଶନ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି ଯେ, ଏକଦା ପବିତ୍ର କୁରଆନ୍ କରୀମ୍‌ର ଚମତ୍କାର ତଥା ଉଚ୍ଚ ଲାଳିତ୍ୟ ସମ୍ପନ୍ନର ଉତ୍ତର ପ୍ରଦାନ କରି ପାଦ୍ରୀ ଫଣ୍ଡର୍ ହରିରି ଓ ଅବୁଲ୍ ଫଜଲ୍ ଏବଂ ଅନ୍ୟ କେତେକ ଇଂରାଜୀ ପୁସ୍ତକକୁ ଉପସ୍ଥାପିତ କରିଥିଲେ । ଉକ୍ତ କଥାଟି ଅନେକ ଦିନର କଥା ଅଟେ । ମୁଁ ସେତେବେଳେ ମଧ୍ୟ ଏହା ଭାବିଥିଲି ଯେ, ଫଣ୍ଡର୍ ମିଛ କହୁଛି । କାରଣ **ପ୍ରଥମତଃ** ସେହି ଲେଖକମାନେ କେବେ ଏହା ଦାବି କରି ନାହାନ୍ତି ଯେ, ସେମାନଙ୍କର ଲେଖନୀ ସର୍ବୋତ୍କୃଷ୍ଟ ଓ ଅତୁଳନୀୟ ଅଟେ । ବରଂ ସେମାନେ ନିଜର ସତ୍ତାକୁ ଅତ୍ୟନ୍ତ ନିମ୍ନ ମାନର ବୋଲି ବିବେଚିତ କରିଛନ୍ତି ଏବଂ ପବିତ୍ର କୁରଆନ୍ କରୀମ୍‌ର ସର୍ବଦା ପ୍ରଶଂସା କରିଛନ୍ତି। **ଦ୍ୱିତୀୟତଃ** ସେହି ଲେଖକ ଦ୍ୱୟଙ୍କର ପୁସ୍ତକରେ ଶବ୍ଦର ଅର୍ଥ ସେମାନଙ୍କ ଅଧୀନ ହୋଇ ଗତି କରିଥାଏ । କେବଳ ଶବ୍ଦ ମିଳିତ ତଥା ସଂଯୋଜିତ ହୋଇ ରହିଥାଏ, ମିତ୍ରାକ୍ଷର ନିମନ୍ତେ ଗୋଟିଏ ଶବ୍ଦ ବଦଳରେ ଅନ୍ୟ ଏକ ଶବ୍ଦ ସନ୍ଧାନ କରାଯାଇଥାଏ ଏବଂ ପଦ୍ୟରେ ବ୍ରହ୍ମଜ୍ଞାନ ଓ ପରିଚୟକୁ ଧ୍ୟାନ ଦିଆଯାଇ ନାହିଁ । କିନ୍ତୁ ଅପରପକ୍ଷେ ପବିତ୍ର କୁରଆନ୍ କରୀମ୍‌ରେ ସତ୍ୟ ଏବଂ ବ୍ରହ୍ମଜ୍ଞାନର ବ୍ୟବସ୍ଥା ରହିଛି ତଥା ସତ୍ୟତା ମଧ୍ୟ ରହିଛି । କେବଳ ଶବ୍ଦ ସଂଯୋଜନା ନାହିଁ । ତହିଁରେ ସୌନ୍ଦର୍ଯ୍ୟତା ସୃଷ୍ଟି କରାଯାଇ ନାହିଁ । ପ୍ରକୃତରେ ଉକ୍ତ କଥା କହିବା କି ସତ୍ୟ ଓ ବ୍ରହ୍ମଜ୍ଞାନର ବାଣୀ ସହିତ ମିତ୍ରାକ୍ଷର ମଧ୍ୟ ସଠିକ୍ ହେବା ଉଚିତ୍ । ଉକ୍ତ କଥା ଈଶ୍ୱରଙ୍କ ସମର୍ଥନ ଦ୍ୱାରା ହିଁ ପ୍ରାପ୍ତ ହୋଇପାରିବ । ବାସ୍ତବତା ଏହିକିଯେ, ସତ୍ୟ ଓ ବ୍ରହ୍ମଜ୍ଞାନ ଯେତେବେଳେ ସଠିକ୍ ଥିବ ସେତେବେଳେ ଈଶ୍ୱରଙ୍କ ସମର୍ଥନ ସଂକ୍ରାନ୍ତରେ ମନୁଷ୍ୟକୁ ଅବବୋଧ ହୋଇଥାଏ ଯେ, ବାସ୍ତବରେ ପ୍ରଭୁଙ୍କ ସମର୍ଥନ ତହିଁରେ ବିଦ୍ୟମାନ ରହିଛି । ଅନ୍ୟଥା ମନୁଷ୍ୟର ବାଣୀ ଏପରି ହୋଇଥାଏ ଯେପରି ହରିରି ଆଦି କବିଙ୍କ ବାଣୀ ଯେପରି ରହିଛି । **(ମଲ୍‌ଫୁଜାତ୍, ଭାଗ-2, ପୃ-205, ପ୍ରକାଶନ ବର୍ଷ 1984 ମସିହା)**

ହ. ମସିହ୍ ମଉଦ୍ ଅ.ସ ଏକ ସଭାରେ ତତ୍‌ସଂକ୍ରାନ୍ତରେ କୁହନ୍ତି: "ତଫ୍‌ସିର୍ ଏଯାଜୁଲ୍ ମସିହ୍ ସଂପର୍କରେ ଏହି ଚର୍ଚ୍ଚା ଥିଲା କି ବିରୋଧୀମାନଙ୍କ ମଧ୍ୟରୁ କୌଣସି ଜଣଙ୍କୁ ମଧ୍ୟ ଏହି ଶକ୍ତି ପ୍ରଦାନ କଲେ ନାହିଁ ଯେ, କୌଣସି ବ୍ୟକ୍ତି ଏହାର ମୁକାବିଲା କରିପାବି । ଅତଃ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ପବିତ୍ର କୁରଆନ୍ ଶରୀଫ୍‌ର ଏକ ଅନନ୍ୟ ଚମତ୍କାର ସଂପର୍କରେ ଦୁଇଟି ଧର୍ମମତ ରହିଛି। ଯଥା- **1-** ଅଲ୍ଲାଃତାଲା ବିରୋଧୀମାନଙ୍କୁ ଧୈର୍ଯ୍ୟଚ୍ୟୁତ କରିଦେଲେ । ଅର୍ଥାତ ସେହି ଲୋକମାନଙ୍କୁ ସାମର୍ଥ୍ୟ ପ୍ରାପ୍ତ ହେଲା ନାହିଁ ଯେ, ସେମାନେ ସେତେବେଳେ ମୁକାବିଲା କରି ଦେଖାଇ ପାରିଥାଆନ୍ତେ । **2-** ସତ୍ୟ ଓ ପ୍ରକୃତ ଧର୍ମ । ଏହି ହିଁ ମୋର ଧର୍ମମତ ରହିଛି । ତାହା ଏହିକି ଯେ, ବିରୋଧୀମାନେ ସ୍ୱୟଂ ଉକ୍ତ କଥାରୁ ଅକ୍ଷମ ଥିଲେ ଯେ, ସେମାନେ ମୁକାବିଲା କରିପାରିବେ । ପ୍ରକୃତରେ ସେମାନଙ୍କର ଜ୍ଞାନ ଓ ବୁଦ୍ଧିକୁ ଛିନ୍ନ କରିନିଆଯାଇଥିଲା । ପବିତ୍ର କୁରଆନ୍ କରୀମ୍‌ର ଚମତ୍କାର ମୋ ତଫ୍‌ସିରୁଲ୍ କୁର୍‌ଆନ୍‌ର ପ୍ରସଙ୍ଗରୁ ଭଲ ଭାବରେ ବୁଝି ହୋଇଯିବ । ହଜାର ହଜାର ବିରୋଧୀମାନେ ଉପସ୍ଥିତ ରହିଛନ୍ତି ଯେଉଁମାନେ ନିଜକୁ ଜ୍ଞାନୀ ଗୁଣୀ ଓ ବିଦ୍ୱାନ୍ ବୋଲାଉଛନ୍ତି । ସେମାନେ ଖବର କାଗଜମାନଙ୍କରେ ଅନେକ ସ୍ୱାଭିମାନମୂଳକ ଶବ୍ଦ ମଧ୍ୟ ଉଲ୍ଲେଖ କରିଛନ୍ତି କିନ୍ତୁ କେହି ବି ଏପରି ବ୍ୟକ୍ତି ନଥିଲା ଯିଏ ଉକ୍ତ ନିର୍ଦ୍ଦେଶନ ମୁକାବିଲା କରିପାରିବ ।" **(ମଲ୍‌ଫୁଜାତ୍, ଭାଗ-2, ପୃ-217-218, ପ୍ରକାଶନ ବର୍ଷ 1984 ମସିହା)**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ସୁତରାଂ ଆପଣ ଅ.ସଙ୍କ ପୁସ୍ତକକୁ ସେହି ଦୃଷ୍ଟିକୋଣରୁ ମଧ୍ୟ ଆମମାନଙ୍କୁ ପାଠ କରିବା ଉଚିତ୍ ଯଦ୍ଦ୍ୱାରାକି ଆମେମାନେ ସଠିକ୍ ରୂପେ ପବିତ୍ର କୁରଆନ୍ କରୀମ୍ ବୁଝି ହୋଇପାରିବ । ପୁନଶ୍ଚ ଏକ ଅବସରରେ ଆପଣ ଅ.ସ କୁହନ୍ତି: "ଅଲ୍ଲାତାଲା ପବିତ୍ର କୁରଆନ୍ କରୀମ୍‌କୁ ଯେଉଁ ଚମତ୍କାର ପ୍ରଦାନ କରିଛି ତାହା ସର୍ବୋଚ୍ଚ ସ୍ତରର ଚାରିତ୍ରିକ ଶିକ୍ଷା ଓ ନୈତିକ ଶିଷ୍ଟାଚାର ଅଟେ । ଏହାର ଉଚ୍ଚ ଲାଳିତ୍ୟ ସମ୍ପନ୍ନ ରହିଛି ଯାହାର ମୁକାବିଲା କୌଣସି ବ୍ୟକ୍ତି କରିପାରିବ ନାହିଁ ଏବଂ ଏହିପରି ଚମତ୍କାର ଆଦୃଷ୍ଟ ଖବର ଏବଂ ଭବିଷ୍ୟତବାଣୀର ଅଟେ । ସାଂପ୍ରତିକ ଯୁଗର କୌଣସି ଇନ୍ଦ୍ରଜାଲିକ ଖେଳରେ ଶିକ୍ଷକ ଏପରି କରିବାର କେବେ ଦାବି କରିପାରିବ ନାହିଁ ।" ପବିତ୍ର କୁରଆନ୍ କରୀମ୍‌ରେ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷା ମଧ୍ୟ ରହିଛି ଏବଂ ଆଦୃଷ୍ଟ ସୂଚନା ମଧ୍ୟ ରହିଛି । ଏହା କୌଣସି ଯାଦୁବିଦ୍ୟା ନୁହଁ ଯେ, ଯାଦୁଗର ଦେଖାଇ ଦେଇ ପାରିବ । ଇନ୍ଦ୍ରଜାଲିକ ଯାଦୁଗର ଏପରି ଯାଦୁବିଦ୍ୟା ପ୍ରଦର୍ଶନ କରିପାରିବ ନାହିଁ ଓ ନା ହିଁ ସେ ଏପରି କରିବାର ଦାବି କରିପାରିବ । ଠିକ୍ ସେହିପରି ଅଲ୍ଲାଃତାଲା ମୋର (ହ. ମସିହ୍ ମଉଦ୍ ଅ.ସ) ନିଦର୍ଶନକୁ ଏକ ସ୍ୱଷ୍ଟ ପାର୍ଥକ୍ୟ ପ୍ରଦାନ କରିଛନ୍ତି । କାରଣ କୌଣସି ବ୍ୟକ୍ତିକୁ ଯୁକ୍ତିତର୍କ କରିବାର କୌଣସି ଆଳ ତଥା ସୁଯୋଗ ପ୍ରାପ୍ତ ନହେଉ । ଅଲ୍ଲାଃତାଲା ଏହିପରି ଭାବରେ ନିଜର ନିଦର୍ଶନକୁ ସ୍ୱଷ୍ଟ ଭାବରେ ଅବଲୋକନ କରାଇ ଦେଉଛନ୍ତି । ତହିଁରେ କେହି ବି ସନ୍ଦେହ କିମ୍ବା ଶଙ୍କା ସୃଷ୍ଟି କରିପାରିବ ନାହିଁ ।" **(ମଲ୍‌ଫୁଜାତ୍, ଭାଗ-10, ପୃ-172, ପ୍ରକାଶନ ବର୍ଷ-1984 ମସିହା)**

ପୁନଶ୍ଚ ହ. ମସିହ୍ ମଉଦ୍ ପବିତ୍ର କୁରଆନ୍ କରୀମ୍‌ର ଉଚ୍ଚ ଲାଳିତ୍ୟ ସମ୍ପନ୍ନ ହେବା ସଂକ୍ରାନ୍ତରେ କୁହନ୍ତି: "ଲୋକମାନଙ୍କର ଉଚ୍ଚ ଲାଳିତ୍ୟ ସମ୍ପନ୍ନତାମୂଳକ ଶବ୍ଦାଧୀନ ହୋଇଥାଏ । ତହିଁରେ ମିତ୍ରାକ୍ଷର ଛଡ଼ା ଆଉ କିଛି ନଥାଏ । ଯେପରିକି ଜଣେ ଆରବୀୟ ବ୍ୟକ୍ତି ଉଲ୍ଲେଖ କରନ୍ତି; سَافَرْتُ اِلٰی رُوْمٍ وَّ اَنَا عَلٰی جَمَلٍ مَّاْلُوْمٍ ଅର୍ଥାତ ମୁଁ ରୋମ୍ ଅଭିମୁଖେ ବାହାରିଲି ଏବଂ ମୁଁ ଏପରି ଏକ ଓଟ ଉପରେ ଆରୋହଣ ହେଲି ଯାହାର ପରିସ୍ରା ବନ୍ଦ ଥିଲା (ଅର୍ଥାତ ଓଟ ପରିସ୍ରା କରୁନଥିଲା) । ଉକ୍ତ ଶବ୍ଦାବଳୀ କେବଳ ମିତ୍ରାକ୍ଷର ସକାଶେ ବ୍ୟବହାର କରିବା ପାଇଁ ଅଣାଯାଇଛି । ଏହା ହେଉଛି ପବିତ୍ର କୁରଆନ୍ କରୀମ୍‌ର ଅନନ୍ୟତା ଯେ, ତହିଁରେ ସମସ୍ତ ଶବ୍ଦଗୁଡ଼ିକ ମୁକ୍ତା ପରି ଏପରି ଭାବରେ ଗ୍ରଥିତ କରାଯାଇଛି ଯେ, ତାହା ନିଜ ନିଜ ସ୍ଥାନରେ ଖଞ୍ଜା ଯାଇଛି । ଯାହାକୁ ଗୋଟିଏ ସ୍ଥାନରୁ ନେଇ ଅନ୍ୟ ସ୍ଥାନରେ ରଖାଯାଇ ପାରିବ ନାହିଁ । କିନ୍ତୁ ଏସବୁ ସତ୍ତ୍ୱେ ଉକ୍ତ ମିତ୍ରାକ୍ଷରମୂଳକ ପଦ ସଂଯୋଜନା, ଉଚ୍ଚ ଲାଳିତ୍ୟ ସମ୍ପନ୍ନର ସମସ୍ତ ବସ୍ତୁ ବା ପ୍ରସଙ୍ଗ ମହଜୁଦ୍ ରହିଛି ।" **(ମଲ୍‌ଫୁଜାତ୍, ଭାଗ-10, ପୃ-173, ପ୍ରକାଶନ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଉଚ୍ଚ ଲାଳିତ୍ୟ ସମ୍ପନ୍ନର ସୌନ୍ଦର୍ଯ୍ୟ ସଂକ୍ରାନ୍ତରେ ଏକ ସଭାରେ ବର୍ଣ୍ଣନା କରି କୁହନ୍ତି: "ଯେଉଁଭଳି ଏହି ନିଦର୍ଶନଗୁଡ଼ିକ ଓ ଆୟାତ୍ ଏଠାରେ ପ୍ରକାଶିତ ହେଉଛି ତାହା ବାସ୍ତବରେ ରସୁଲୁଲ୍ଲାଃ ସ.ଅଙ୍କର ହିଁ ନିଦର୍ଶନ ଓ ଚମତ୍କାର ଅଟେ । ଏହି ଭବିଷ୍ୟତବାଣୀ ହେଉଛି ପବିତ୍ର କୁରଆନ କରୀମ୍‌ର ଭବିଷ୍ୟତବାଣୀ । କାରଣ ଆପଣ ସ.ଅଙ୍କ ଅନୁକରଣତ୍ୱ, ଆଜ୍ଞାକାରୀତ୍ୱତା ଏବଂ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାର ଫଳଶୃତି ଅଟେ । ବର୍ତ୍ତମାନ ଏପରି କୌଣସି ଧର୍ମବଲମ୍ବୀ ନାହିଁ ଯାହାର ଅନୁଗାମୀ ଓ ଅନୁକରଣକାରୀ ଏହି ଦାବି କରିପାରିବ ଯେ, ସେ ଭବିଷ୍ୟତବାଣୀ ଉପସ୍ଥାପିତ କିରପାରିବ କିମ୍ବା ତା' ଦ୍ୱାରା ଚମତ୍କାର ପ୍ରକାଶିତ ହୋଇପାରିବ । ତେଣୁ ଉକ୍ତ ପକ୍ଷାନୁଯାୟୀ ପବିତ୍ର କୁରଆନ୍ କରୀମ୍‌ର ଚମତ୍କାର ସମସ୍ତ ପୁସ୍ତକର ଠାରୁ ଅନନ୍ୟତା ଠାରୁ ସର୍ବାଧିକ ରହିଛି । ଆପଣ ଅ.ସଙ୍କ ନିଜସ୍ୱ ଯେଉଁ ଚମତ୍କାର ରହିଛି ତାହା ମଧ୍ୟ ପବିତ୍ର କୁରଆନ୍ କରୀମ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି, ତାହା ଆଁହଜରତ ସ.ଅଙ୍କ ଆଜ୍ଞାପାଳନ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି ।"

ପୁନଶ୍ଚ ପବିତ୍ର କୁରଆନ୍ କରୀମ୍‌ର ଅନ୍ୟ ଏକ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଏଭଳି ସର୍ବୋଚ୍ଚ ସ୍ତର ଏବଂ ସର୍ବମାନ୍ୟ ତଥା ପ୍ରମାଣିତ ଯେ, ନ୍ୟାୟପ୍ରିୟ ଶତ୍ରୁମାନଙ୍କୁ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ବାଧ୍ୟ ଅଟନ୍ତି । ପବିତ୍ର କୁରାନ୍ କରୀମ୍ فَاْتُوْا بِسُوْرَةٍ مِّنْ مِّثْلِهٖ **(ଅଲ୍ ବକ୍ରାହ୍:24)**ର ଦାବି କ'ଣ ଥିଲା ? କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଦ୍ୱାରା ସମ୍ଭବ ହୋଇପାରି ନାହିଁ ଯେ, ଏହାର ଦୃଷ୍ଟାନ୍ତ ଉପସ୍ଥାପିତ କରିପାରିବେ ।" ପବିତ୍ର କୁରଆନ୍ କରୀମ୍‌ର ଏହି ଦାବି ରହିଛି ଏତାଦୃଶ ସୁରତ୍ ନେଇ ଆସ । ଆରବିକ ବ୍ୟକ୍ତିମାନେ ଅତ୍ୟନ୍ତ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷା ବ୍ୟବହାରକାରୀ ଥିଲେ ଏବଂ ବିଶେଷ ଅବସରରେ ଅତ୍ୟନ୍ତ ବଡ଼ ବଡ଼ ସଭା ସମିତିମାନ ଆୟୋଜନ କରୁଥିଲେ ଏବଂ ସେଠାରେ ନିଜର ପ୍ରଶଂସା ଗୀତି ଶୁଣାଉଥିଲେ । ସେମାନେ ମଧ୍ୟ ପବିତ୍ର କୁରଆନ୍ କରୀମ୍‌ର ମୁକାବିଲା କରିବାକୁ ଅକ୍ଷମତା ପ୍ରକାଶ କଲେ । ପବିତ୍ର କୁରଆନ୍ କରୀମ୍‌ର ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଏପରି ନୁହଁ ଯେ, ତହିଁରେ କେବଳ ଶବ୍ଦାବଳୀକୁ ଅନୁକରଣ କରାଯାଉ । ଅର୍ଥାତ Follow କର । ବରଂ ପବିତ୍ର କୁରାଆନ୍ କରୀମ୍‌ର ଶବ୍ଦାବଳୀକୁ ଅନୁକରଣ କର ଓ କ୍ଷମା ତଥା ଅର୍ଥ ସଂପର୍କରେ ଭ୍ରୂକ୍ଷେପ କରା ନଯାଉ ବରଂ ଯେଭଳି ସର୍ବୋଚ୍ଚ ସ୍ତରୀୟ ଶବ୍ଦଗୁଡ଼ିକୁ ବଡ଼ ବିଚିତ୍ର ଭାବରେ ପ୍ରୟୋଗ କରାଯାଇଛି । ଠିକ୍ ସେହିପରି ସତ୍ୟତା ଓ ପରିଚୟାତ୍ମକତାକୁ ତହିଁରେ ବର୍ଣ୍ଣନା କରାଯାଇଛି ଏବଂ ଏହି ସ୍ୱାଧୀନତା ମନୁଷ୍ୟର କାର୍ଯ୍ୟ ନୁହେଁ ଯେ, ବ୍ୟକ୍ତି ସତ୍ୟତା ଓ ପରିଚୟାତ୍ମକତାକୁ ବର୍ଣ୍ଣନା କରୁ ଓ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷାଗତ ଏବଂ ବର୍ଣ୍ଣନାଗତ ଶୈଳୀର ସ୍ତରକୁ ଧ୍ୟାନରେ ରଖୁ ।"

ହ. ମସିହ୍ ମଉଦ୍ ଅ.ସ୍ କୁହନ୍ତି: "ଅଲ୍ଲାଃତାଲା ଏକ ସ୍ଥାନରେ କୁହନ୍ତି, يَتْلُوْا صُحُفًا مُّطَهَّرَةً فِيْهَا كُتُبٌ قَيِّمَةٌ **(ଅଲ୍ ବଇୟିନାହ୍:3-4)** ଅର୍ଥାତ ସେମାନଙ୍କୁ ଏପରି ପୋଥୀ ଆବୃତ୍ତି କରି ଶୁଣାଇ ଥାଆନ୍ତେ ଯହିଁରେ ସ୍ଥାୟୀ ଅଦେଶାବଳୀ ରହିଥିବା" ବାଗ୍‌ବିନ୍ୟାସ ଶ୍ରୁତ ଲିଖନରେ ପବିତ୍ର ଶିକ୍ଷା ଉତ୍ତମ ଚରିତ୍ରବତ୍ତାକୁ ଧ୍ୟାନରେ ରଖିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ ଓ ପୁନଶ୍ଚ ଏପରି ପ୍ରଭାବଶାଳୀ ତଥା ସାଂଶ୍ଳେଷିକ ଶିକ୍ଷା ପ୍ରଦାନ କରିବା ଯାହାକି ନିମ୍ନମାନର ଗୁଣାବଳୀକୁ ଦୂରୀଭୂତ କରି ଦେଖାଇ ଦେଉ ଓ ସେମାନଙ୍କ ସ୍ଥାନରେ ସର୍ବୋଚ୍ଚ ସ୍ତରୀୟ ବିଶେଷା ଗୁଣାବଳୀ ସୃଷ୍ଟି କରୁ। ଆରବୀୟ ଲୋକମାନଙ୍କର ଯେଉଁ ଅବସ୍ଥା ଥିଲା ତାହା କାହା ଠାରୁ ଗୁପ୍ତ ନୁହେଁ। ସେମାନେ (ଆରବୀୟ ଲୋକମାନେ) ସମଗ୍ର ଦୋଷତ୍ରୁଟି, ଅବଗୁଣ, ଖୁଣ ଓ କୁକର୍ମଲେ ଲିପ୍ତ ଏବଂ ଜଡ଼ିତ ଥିଲେ । ଶତାବ୍ଦୀ ଶତାବ୍ଦୀ ଧରି ସେମାନଙ୍କର ଏହି ଅବସ୍ଥା ବିଗିଡ଼ି ଯାଇଥିଲା । କିନ୍ତୁ କୌଣସି ମତେ ଆଁହଜରତ ସ.ଅଙ୍କର କଲ୍ୟାଣ ଏବଂ ଯଶ ବା କୀର୍ତ୍ତିରେ ଏହି ଶକ୍ତି ଥିଲା ଯେ, 23 ବର୍ଷ ମଧ୍ୟରେ ଆପଣ ସ.ଅ ସମଗ୍ର ଆରବ ଦେଶର କାୟା ବା ଘଟ ପରିବର୍ତ୍ତନ କରି ଦେଇଥିଲେ । ଏହା ଶିକ୍ଷାର ହିଁ ପ୍ରଭାବ ଥିଲା । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ପବିତ୍ର କୁରଆନ୍ କରୀମ୍‌ର ଛୋଟରୁ ଛୋଟ ସୁରତ୍ ଯଦି ଉଠାଇ ଅବଲୋକନ କରାଯାଏ ତେବେ ଏବା ଜଣାପଡ଼ିବ ଯେ, ତହିଁରେ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷା ଓ ବର୍ଣ୍ଣନାଗତ ଶୈଳୀର ସ୍ତର ବ୍ୟତୀତ ଶିକ୍ଷାର ବ୍ୟକ୍ତିଗତ ବିଶେଷତା ଓ ସ୍ୱାତନ୍ତ୍ର୍ୟତାମୂଳକ ଗୁଣାବଳୀକୁ ତହିଁରେ ଭର୍ତ୍ତି କରିଦିଆଯାଇଛି ଏବଂ ପ୍ରତ୍ୟେକ ପ୍ରକାରର ଶର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) କୁ ରଦ୍ଦ କରିଦିଆଯାଇଛି । ଠିକ୍ ସେହିପରି ସୁରାହ୍ ଫାତିହାକୁ ଦେଖ ଯେ, କେଡ଼େ ଭବ୍ୟ ଅନନ୍ୟ ଚମତ୍କାର ଅଟେ । କ୍ଷୁଦ୍ର ସୁରତ୍ ଅଟେ । କିନ୍ତୁ ଏକେଶ୍ୱରବାଦର ସଂପୂର୍ଣ୍ଣ ବିଷୟବସ୍ତୁ ତହିଁରେ ବର୍ଣ୍ଣିତ କରିଦିଆଯାଇଛି । କିନ୍ତୁ ପ୍ରକୃତରେ ସମଗ୍ର କରୁଆନ୍ ଶରୀଫ୍‌ର କଳା, ସାରାଂଶ ଓ ସୂଚୀପତ୍ର ତଥା ତହିଁରେ ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ, ତା'ହାଙ୍କ ବିଶେଷ ଗୁଣାବଳୀ, ଦୁଆର ଆବଶ୍ୟକତା, ଗ୍ରହଣୀୟତାର କାରଣ ଏବଂ ମାଧ୍ୟମ, ଉପାଦେୟ, ଉପକାରିତାମୂଳକ ପ୍ରାର୍ଥନାର ଶୈଳୀ, କ୍ଷତିକାରକ ମାର୍ଗରୁ ବର୍ତ୍ତିବାର ମାର୍ଗଦର୍ଶନ ଯେଉଁଠି ପ୍ରଦାନ କରାଯାଇଛି । ସେଠାରେ ସଂସାରର ସମସ୍ତ ଅସତ୍ୟ ଧର୍ମର ଖଣ୍ଡନ ତହିଁରେ ମହଜୁଦ୍ ରହିଛି । ଉକ୍ତ ସୁରାହ୍ ଫାତିହାରେ ସମସ୍ତ ପ୍ରସଙ୍ଗ ଆସିଯାଇଛି । ଅନେକ ପୁସ୍ତକ ଓ ଧର୍ମାବଲମ୍ବୀମାନଙ୍କୁ ଯେତେବେଳେ ତୁମେମାନେ ଅବଲୋକନ କର ସେତେବେଳେ ସେମାନେ ଅନ୍ୟ ଧର୍ମର ଦୋଷଦୁର୍ବଳତା ତ' ବର୍ଣ୍ଣନା କରିଥାଆନ୍ତି ଏବଂ ଅନ୍ୟ ଶିକ୍ଷା ର ଦୋଷ ଦୁର୍ବଳତା କାଢ଼ିବାକୁ ଚେଷ୍ଟା କରିଥାଆନ୍ତି । କିନ୍ତୁ ସେହି ଦୋଷଦୁର୍ବଳତା କାଢୁଥିବା ବ୍ୟକ୍ତି ଯେକି ଅନ୍ୟ ଧର୍ମର ଦୋଷଦୁର୍ବଳତା ଦେଖାଇଥାଏ ତେବେ ତା'ର ଏହି କର୍ତ୍ତବ୍ୟ ଯେ, ସେ ନିଜ ଧର୍ମରୁ ଧର୍ମର ଉତ୍କୃଷ୍ଟ ଶିକ୍ଷା ମଧ୍ୟ ଉପସ୍ଥାପିତ କରୁ

**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢ଼ୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"
(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 26-OCTOBER 2023 Issue No.-43

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଏବଂ ଦେଖାଉ ଯେ, ମୁଁ ଯଦି ଅମକ ମନ୍ଦ କଥାରୁ ବର୍ତ୍ତିବାକୁ ଚାହୁଁଛି ତେବେ ଏହା ବଦଳରେ ମୁଁ ସତ୍‌ଶିକ୍ଷା ମଧ୍ୟ ପ୍ରଦାନ କରୁଛି ଯେ, ଉକ୍ତ ସତ୍‌ଶିକ୍ଷା ଅନ୍ୟ କୌଣସି ଧର୍ମରେ ନାହିଁ । ଉକ୍ତ ଗୌରବ କେବଳ ପବିତ୍ର କୁରଆନ୍ କରୀମ୍‌କୁ ହିଁ ପ୍ରାପ୍ତ ଯେ, ପବିତ୍ର କୁରଆନ୍ କରୀମ୍ ଯେଉଁଠି ମିଥ୍ୟା ଧର୍ମର ଖଣ୍ଡନ କରିଥାଏ ଓ ସେମାନଙ୍କର ତ୍ରୁଟିପୂର୍ଣ୍ଣ ଶିକ୍ଷାକୁ ଖୋଲିଥାଏ ସେଠାରେ ପ୍ରକୃତ ଏବଂ ବାସ୍ତବିକ ଶିକ୍ଷା ମଧ୍ୟ ଉପସ୍ଥାପିତ କରିଥାଏ । **(ମଲ୍‌ଫୁଜାତ୍, ଭାଗ-3, ପୃ-46-48, ପ୍ରକାଶନ ବର୍ଷ-1984 ମସିହା)**

ଏହି ସୁନ୍ଦରତା ଏପରି ଅଟେ ଯାହାକୁ ନାମକୁ ମାତ୍ର ଶିକ୍ଷିତ ବର୍ଗ ରଦ୍ଧ କରିପାରିବେ ନାହିଁ ଅନେକ ଅବସରରେ ମୁଁ ଅବଲୋକନ କରିଛି ଯେ, ଯେତେବେଳେ ଅଣମୁସଲମାନମାନଙ୍କ ସମକ୍ଷରେ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାନୁଯାୟୀ କୌଣସି ସମସ୍ୟା ବା ପ୍ରସଙ୍ଗ ଉପସ୍ଥାପିତ କରାଯାଏ ତେବେ ସେମାନେ ତାହାକୁ ସ୍ୱୀକାର କରିଥାଆନ୍ତି ।

ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମର ବିଶେଷତା ସଂପର୍କରେ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ଏକ ସରଳ ବୋଧଗମ୍ୟ ଧର୍ମଗ୍ରନ୍ଥ ଅଟେ । କେତେକ ଅବୋଧ ବ୍ୟକ୍ତିମାନେ କୁହନ୍ତି: ଆମେମାନେ ପବିତ୍ର କୁରଆନ୍ କରୀମକୁ ବୁଝିପାରୁ ନାହୁଁ ତେଣୁ ପବିତ୍ର କରୁଆନ୍ କରୀମ୍ ପ୍ରତି ଧ୍ୟାନ ଦେବା ଅନୁଚିତ । କାରଣ ଏହାର ଶିକ୍ଷା ଅତ୍ୟନ୍ତ କ୍ଳୀଷ୍ଟ ଅଟେ । ସେମାନେ ଏହି ଆଳ କଲେ ଯେ, ପବିତ୍ରୁ କୁରଆନ୍ କରୀମ୍‌କୁ ବୁଝିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । ଆମେମାନେ ଏହାକୁ ବୁଝିପାରୁ ନାହୁଁ ତେଣୁ ଆମାମାନଙ୍କୁ ଏଥିପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ନାହିଁ । ଆପଣ ଅ.ସ କୁହନ୍ତି: ଏହା ସେମାନଙ୍କର ଭ୍ରମ ଯେ, ଏହା ହେଉଛି ସେହି ବ୍ୟକ୍ତିମାନଙ୍କର ଭ୍ରମ ଏବଂ ରୁଗ୍‌ଣ ଚିନ୍ତାଧାରା ଯେ, ସେମାନେ ପବିତ୍ର କୁରଆନ୍‌ର ଶିକ୍ଷାକୁ ହୃଦୟଙ୍ଗମ କରିବାକୁ ସକ୍ଷମ ନୁହନ୍ତି । ଆପଣ ଅ.ସ କୁହନ୍ତି, ପବିତ୍ର କୁରଆନ୍ ବିଶ୍ୱାସଭିତ୍ତିକ ପ୍ରସଙ୍ଗ ଓ ତତ୍‌ଜନିତ ସମସ୍ୟାକୁ ଏଭଳି ଉଚ୍ଚ ଲାଳିତ୍ୟ ତଥା କମନୀୟତା ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀରେ ବୁଝାଇଛି ଯେ, ତାହା ଅଦୃଷ୍ଟାନ୍ତନୀୟ, ଅତୁଲ୍ୟ, ଅବିଶ୍ୱସନୀୟ, ଅପ୍ରତିମ ଏବଂ ପବିତ୍ର କୁରଆନ୍‌ର ପ୍ରମାଣ ମନ ଭିତରେ ଗଭୀର ପ୍ରଭାବ ପକାଇଥାଏ । ଯେଉଁଠି ବିଶ୍ୱାସଗତ ପ୍ରସଙ୍ଗ ରହିଛି ତତ୍‌ସଂପର୍କରେ ମୁକ୍ତ ହୋଇ ଅଲ୍ଲାଃତାଲ କହିଛନ୍ତି । ଏହା ଏପରି ଏକ ଉଚ୍ଚ ଲାଳିତ୍ୟ ତଥା ମାଧୁର୍ଯ୍ୟପୂର୍ଣ୍ଣ ଧର୍ମଗ୍ରନ୍ଥ ଯେ, ଆରବର ପୁରପଲ୍ଲୀର ଜନତାଙ୍କୁ ଯେଉଁମାନେ ସଂପୂର୍ଣ୍ଣ ଅଶିକ୍ଷିତ ଥିଲେ ସେମାନଙ୍କୁ ବୁଝାଇ ଦେଇ ପାରିଲା ତେବେ ବର୍ତ୍ତମାନ ତୁମେମାନେ ଏହାକୁ କାହିଁକି ବୁଝି ପାରିବ ନାହିଁ। **(ମଲ୍‌ଫୁଜାତ୍, ଭାଗ-9, ପୃ-228, ପ୍ରକାଶନ-1984 ମସିହା)**

ଆରବର ସେହି ଅପାଠୁଆ ଲୋକମାନେ ଗ୍ରାମରେ ବାସ କରୁଥିଲେ, ସଂପୂର୍ଣ୍ଣ ରୂପେ ନିରକ୍ଷର ଥିଲେ ତାହା ନୁହଁ । ବରଂ ମନୁଷ୍ୟ ଠାରୁ ନିମ୍ନକୁ ଖସି ଯାଇଥିଲେ। ସେହିମାନଙ୍କୁ ହିଁ ଅଲ୍ଲାଃତାଲା ପବିତ୍ର କୁରଆନ୍ ଓ ତାହାଙ୍କ ବା ଈଶ୍ୱରାଭିଳାଷୀ ବ୍ୟକ୍ତିରେ ପରିଣତ କଲେ । ସେମାନେ ଯଦି ପବିତ୍ର କୁରଆନ୍ କରୀମ ବୁଝିପାରିଲେ ତାହାହେଲେ ତୁମେମାନେ ବର୍ତ୍ତମାନ କାହିଁକି ବୁଝିପାରିବ ନାହିଁ ? ଆଜି ତ' ଅନେକ ଲୋକ ଶିକ୍ଷିତ ଅଟନ୍ତି ।

ପବିତ୍ର କୁରଆନ୍‌ର ଶିକ୍ଷା ହେଉଛି ଏଭଳି ଏକ ପବିତ୍ର, ମାଧୁର୍ଯ୍ୟପୂର୍ଣ୍ଣ ବର୍ଣ୍ଣନାତ୍ମକ ସରଳ ଧର୍ମ ଗ୍ରନ୍ଥ ଓ ସରଳ ତଥା ସାବଲୀଳ ତାରଲ୍ୟବର୍ଦ୍ଧକ ଭାଷା ଯାହାକି ଆରବ ଦେଶର ଅଶିକ୍ଷିତ ଓ ପୁରପଲ୍ଲୀର ଜନତାଙ୍କୁ ବୁଝାଇ ଦେଇଥିଲା, ତେବେ ସେହି କୁରଆନ୍‌କୁ ଏବେ କାହିଁକି ବୁଝି ହେବ ନାହିଁ ? ପବିତ୍ର କୁରଆନ୍‌ରେ ସଳଖ,ସତ୍ୟ-ସୁନ୍ଦର ଏବଂ ସରଳ ସାବଲୀଳ ବୋଧଗମ୍ୟ ଏବଂ ତର୍କଯୁକ୍ତ ଶିକ୍ଷା ରହିଛି । ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲା ଆମମାନଙ୍କୁ ସଳଖ ମାର୍ଗରେ ପରିଚାଳିଚ ହେବା ନିମନ୍ତେ ଶିକ୍ଷା ପ୍ରଦାନ କରିଛନ୍ତି । ତେଣୁ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଅପରିହାର୍ଯ୍ୟ ଯେ, ସେ ପବିତ୍ର କୁରଆନ୍ ଧ୍ୟାନପୂର୍ବକ ପାଠ କରୁ, ତାହାର କେଉଁ ଆଦେଶବଳୀଗୁଡ଼ିକ କରଣୀୟ ଓ କେଉଁ ଆଦେଶାବଳୀଗୁଡ଼ିକ ଅକରଣୀୟ ତାହାକୁ ପୃଥକ୍ ପୃଥକ୍ ଦୃଷ୍ଟିରେ ଦେଖିନେଉ ଏବଂ ଯଦି ସେ ସେହି ଶିକ୍ଷା ତଥା ଆଦେଶାବଳୀ ଉପରେ ପରିଚାଳିତ ହେବା ସଙ୍ଗେସଙ୍ଗେ ତାହା ଉପରେ କାର୍ଯ୍ୟାନୁସରଣ କରେ ତେବେ ସେପରିପ୍ରେକ୍ଷୀରେ ସେ ନିଜର ପ୍ରଭୁଙ୍କୁ ଅବଶ୍ୟ ପ୍ରସନ୍ନ ଓ ସନ୍ତୁଷ୍ଟ କରାଇ ନେବ ।"

ପ୍ରଭୁଙ୍କର ଆଦେଶାବଳୀକୁ ସମ୍ପାଦନ କରିବାର ଅତ୍ୟନ୍ତ ସହଜ ଓ ସରଳ ପନ୍ଥା ରହିଛି । ତୁମମାନଙ୍କୁ ଯେଉଁ ପ୍ରକାଶ୍ୟ ଆଦେଶାବଳୀ ଦୃଶ୍ୟମାନ ହେଉଛି ତାହାକୁ କାର୍ଯ୍ୟକାରୀ କରାଅ । ଯେଉଁ କାର୍ଯ୍ୟ କରିବାକୁ ବାରଣ କରାଯାଇଛି ତହିଁରୁ ନିବୃତ୍ତ ରୁହ । ଏପରି କର୍ମ ଦ୍ୱାରା ପ୍ରଭୁ ପ୍ରସନ୍ନ ହେବେ । ଅନ୍ୟ ତର୍କ ଉପସ୍ଥାପନକାରୀ ଓ ସନ୍ଥମାନେ ଯେଉଁ ପରିଭାଷା ତିଆରି କେରିଛନ୍ତି ତାହା ଅନେକ ଲୋକମାନଙ୍କ ପାଇଁ ଝୁଣ୍ଟିବାର କରାଣ ହୋଇଯାଇଥାଏ । କାରଣ ତହିଁରେ ଅନେକ ପ୍ରକାରର କ୍ଳୀଷ୍ଟତା, କୁଟୀଳତା ଓ ଜଟିଳତା ରହିଥାଏ । ତେଣୁ ତୁମେମାନେ ତର୍କଶାସ୍ତ୍ରୀ ଓ ସନ୍ଥମାନଙ୍କ ପଛରେ ଚାଲ ନାହିଁ । କାରଣ ସେମାନେ ଏପରି ପରିଭାଷା ତିଆରି କରିନେଇଛନ୍ତି, ପବିତ୍ର କରୁଆନ୍ କରୀମ୍‌କୁ ଏପରି ଜଟିଳ ଢଙ୍ଗରେ ଉପସ୍ଥାପିତ କରୁିଛନ୍ତି ଯେ, ଲୋକମାନେ ଏହା ଦ୍ୱାରା ଝୁଣ୍ଟି ପଡ଼ି ଥାଆନ୍ତି । ତେଣୁ ସେମାନେ କୁହନ୍ତି କି ଆମେମାନେ ପବିତ୍ର କୁରଆନ୍ କରୀମ୍ ବୁଝିପାରୁନୁ । ସୁତରାଂ ସଂସାରରେ ଲୋକମାନେ ସେତେବେଳେ ସମସ୍ୟାର ସମ୍ମୁଖୀନ ହୁଅନ୍ତି ଯେତେବେଳେ ତର୍କଶାସ୍ତ୍ରୀ ଓ ସନ୍ଥମାନେ ତଥା ନାମକୁ ମାତ୍ର ବିଦ୍ୱାନ୍‌ମାନେ ମୂଳ ଗ୍ରନ୍ଥର ଶିକ୍ଷାକୁ ଲୋକମାନଙ୍କ ପାଇଁ କ୍ଳୀଷ୍ଟ ଏବଂ ଜଟିଳ କରି ଦେଇଥାଆନ୍ତି । ଏହିମାନଙ୍କ ଯୋଗୁଁ ଲୋକମାନେ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ।

ଆପଣ ଅ.ସ କୁହନ୍ତି: ଜଣେ ବ୍ୟକ୍ତି ଯାହା ଉପରେ ଆମେମାନେ ସୁଧାରଣ ରଖିଥାଉ କି ସେ ପୁଣ୍ୟ ହୃଦୟର ସହିତ ଉକ୍ତ ଗ୍ରନ୍ଥକୁ ଲେଖିଥିବ । ତା'ର ଉକ୍ତ କଥନଟି ସଠିକ୍ ନୁହେଁ । ପୁରାତନ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି ଯେ, ଶେଖ୍ ଅବଦୁଲ୍ କାଦିର୍ ଜିଲାନୀ ଜଣେ ପୂର୍ଣ୍ଣ ବ୍ୟକ୍ତି ନଥିଲେ । କାରଣ ସେ ପୂର୍ଣ୍ଣ ରୂପେ ସିଦ୍ଧି ଲାଭ କରି ନଥିଲେ, ଐଶୀବାଣୀ ଅବତୀର୍ଣ୍ଣ ହୋଇ ନଥିଲା ବରଂ କେବଳ ଆରୋହଣ ଥିଲା । ଉର୍ଦ୍ଧ୍ୱଗାମୀ ଯିବାର ଥିଲା । ଅଲ୍ଲାଃତାଲାଙ୍କ ତରଫରୁ ତାଙ୍କ ଉପରେ ଏପରି କୌଣସି ଐଶୀବାଣୀ ଅବତୀର୍ଣ୍ଣ ହୋଇ ନାହିଁ ବରଂ ତାଙ୍କର ପ୍ରାର୍ଥନା ସ୍ୱୀକୃତ ହୋଇଯାଉଥିଲା । ସେହି କାରଣରୁ ତାଙ୍କ ଦ୍ୱାରା ଅନେକ ଅଲୌକିକ ଚମତ୍କାର ସମ୍ପାଦିତ ହୋଇଛି । ତାଙ୍କ ଉପରେ ଯଦି ପୂର୍ଣ୍ଣ ଐଶୀବାଣୀ ଅବତୀର୍ଣ୍ଣ ହୋଇଥାଆନ୍ତା ତେବେ କୌଣସି ଚମତ୍କାର ତାଙ୍କ ଦ୍ୱାରା ସମ୍ପାଦିତ ହୋଇ ନଥାଆନ୍ତା । କଥନକାରୀ ଏହା କହିଲା ଯେ, ଉକ୍ତ କଥନରେ ଯେଭଳି କୁରଆନୀୟ ବିରୋଧାଭାସ ରହିଛି ତାହା ସ୍ପଷ୍ଟ ରୂପେ ପ୍ରକାଶ୍ୟ । ଏହା ଏଭଳି ଏକ କଥନ ଯେ, ପବିତ୍ର କୁରଆନ୍ କରୀମ୍ ଓ ହଦିସ୍‌ର ସଂପୂର୍ଣ୍ଣ ବିରୁଦ୍ଧାଚରଣ କରେ । ବାସ୍ତବରେ ଶେଖ୍ ଅବ୍‌ଦୁଲ୍ କାଦିର୍ ଜିଲାନୀ ର.ଅ ଈଶ୍ୱରଙ୍କ ପ୍ରିୟ ଭକ୍ତମାନଙ୍କ ମଧ୍ୟରୁ ଅନ୍ୟତମ ଭକ୍ତ ଥିଲେ । ଯଦି ତାଙ୍କ ଉପରେ ଚମତ୍କାର ସଂକ୍ରାନ୍ତରେ ଆପତ୍ତି କରାଯାଏ ତେବେ ଏହି ଆପତ୍ତି ସମସ୍ତ ଅବତାରମାନଙ୍କ ଉପରେ ମଧ୍ୟ ଲାଗୁ ହେବ । କିନ୍ତୁ ଏହା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, ସେମାନଙ୍କ ସଂକ୍ରାନ୍ତରେ କେତେକ ଲୋକମାନେ, ସେମାନଙ୍କର ଅନୁଗାମୀମାନେ ସେମାନଙ୍କର ଚମତ୍କାର ସଂପର୍କରେ ଅତିଶୟୋକ୍ତି ମଧ୍ୟ ପ୍ରୟୋଗ କରିଛନ୍ତି । ସୁତରାଂ ସେହି ସାଧୁ ସନ୍ଥମାନଙ୍କ ସଂପର୍କରେ ଏଭଳି ମନ୍ତବ୍ୟ ପ୍ରମାଦପୂର୍ଣ୍ଣ ଅଟେ। ହଁ ଚମତ୍କାର ହୋଇଥାଏ । ସେହି ଚମତ୍କାର ଯାହାକି ପ୍ରକୃତି ନିୟମ ତଥା ଧର୍ମ ବିଧାନ ଅନୁଯାୟୀ ସମ୍ଭବପର ତାହା ସେମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ, ଅବତାରମାନଙ୍କ ଦ୍ୱାରା ମଧ୍ୟ ସମ୍ପାଦିତ ହୋଇଛି । ଆପଣ ଅ.ସ କୁହନ୍ତି: "ଏହା ହେଉଛି ସେହି ସାଧୁ ସନ୍ଥମାନଙ୍କର ଭୁଲ୍ ଅନୁକରଣର ପରିଣାମ ଯେଉଁମାନଙ୍କର ପୁଷ୍ଟି ପବିତ୍ର କୁରଆନ୍ କରୀମରୁ ମିଳୁ ନାହିଁ ।" **(ମଲ୍‌ଫୁଜାତ୍ ଭାଗ-1, ପୃ-5-6, ପ୍ରକାଶନ ବର୍ଷ-1984 ମସିହା)**

ସେହିପରି ଅନ୍ୟ ଏକ ଗୋଷ୍ଠୀ ଉପରୋକ୍ତ କଥାକୁ ସଂପୂର୍ଣ୍ଣ ରୂପେ ସ୍ୱୀକାର କରେ ନାହିଁ କିମ୍ବା ଯେଉଁ ବ୍ୟକ୍ତି ଉପରୋକ୍ତ କଥାକୁ ସ୍ୱୀକାର କରେ ତେବେ ସେ ଅତ୍ୟଧିକ ଅତିଶୟୋକ୍ତି ପ୍ରୟୋଗ କରିଥାଏ ଏବଂ ଏପରି କରିବାରେ ସେ ସୀମା ଟପି ଯାଇଛି । **ଅବଶିଷ୍ଟାଂଶ ........... (ପରବର୍ତ୍ତୀ ସଂଖ୍ୟାରେ )**

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan